ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୯ ଜାନୁୟାରୀ, ୨୦୨୧



## ଲୁହା ସ୍କ୍ରାପ ବୋଝେଇ ଟ୍ରକ ଜବତ,ଚାଳକ କୋର୍ଟ ଚାଲାଣ

କୁଆଁରମୁଣ୍ଡା,(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ଡାଏରୀଫାର୍ମ ସମ୍ମୁଖରୁ ଶୁକ୍ରବାର ସକାଳ ପ୍ରାୟ ୫ଟାରେ ଚୋରା ଲୁହା ସ୍କ୍ରାପ ବୋଝେଇ ଏକ ୧୦ ଚକିଆ ଟ୍ରକ ଓଡ଼ି୧୪ଏଚ ୨୨୫୫ କୁ ପୋଲିସ ଜବତ କରିଛି। ଏହା ସହ ଉକ୍ତ ଟ୍ରକର ଚାଳକ ରାଉରକେଲା ରୂପୁଟୋଲାର ବିକି ଭଇଁସାଲ(୨୬)ଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ବୀରମିତ୍ରପୁର ଥାନାରେ ଏକ ମାମଲା ରୁଜୁ କରି ଫାଣ୍ଡି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଜବତ ଟ୍ରକରେ ୧୧ ଟନ୍‌ରୁ ଉର୍ଦ୍ଧ୍ୱ ଲୁହା ସ୍କ୍ରାପ ରାଉରକେଲାରୁ କୁଆଁରମୁଣ୍ଡା ଅଞ୍ଚଳକୁ ଚାଲାଣ ହେଉଥିବା, ଏ ନେଇ ଅଭିଯୁକ୍ତ ଚାଳକ ବିକି ପୋଲିସକୁ ଠିକ୍ ସୂଚନା ଦେଉ ନଥିବା ପୋଲିସ କହିଛି।

## ସଂକ୍ଷେପରେ

### କୋଭିଡ ୧୯ ଟିକାକରଣ ପାଇଁ ପୂର୍ବାଭ୍ୟାସ

ରିଆମାଳ, ୮।୧(ଡି.ଏନ୍.ଏ.): ଦେବଗଡ ଜିଲା ରିଆମାଳ ବ୍ଲକ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ ୧୯ ଟୀକାକରଣ ପାଇଁ ପୂର୍ବାଭ୍ୟାସ ଶୁକ୍ରବାର କରାଯାଇଛି । ଏହି କାର୍ଯ୍ୟକ୍ରମରେ ଡାକ୍ତରଖାନାର ୨୫ଜଣ କର୍ମଚାରୀ ପ୍ରଶିକ୍ଷଣ ନେଇଥିଲେ । ଅତିରିକ୍ତ ଜିଲା ସ୍ୱାସ୍ଥ୍ୟାଧିକାରୀ ଡା.ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଗୋଷ୍ଠୀ ଚିକିତ୍ସାଧିକାରୀ ଶ୍ରୀକାନ୍ତ ବିଶି ଓ ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ଆଶୁତୋଷ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତିନିଟି ପର୍ଯ୍ୟାୟରେ ଟୀକାକରଣକୁ ପରିଚାଳିତ କରାଯିବ। ଟୀକା ନେଉଥିବା ବ୍ୟକ୍ତିଙ୍କର ରେଜିଷ୍ଟ୍ରେସନ ଯାଞ୍ଚ କରାଯିବ। ଟୀକା ନେବା ପରେ ପର୍ଯ୍ୟବେକ୍ଷଣ କକ୍ଷରେ ଅଧଘଣ୍ଟା ରହିବା ପରେ ଛାଡି ଦିଆଯିବ ବୋଲି ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ଦାଶ ସୂଚନା ଦେଇଛନ୍ତି।

### ଜୟତରାମ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବାଲିଶଙ୍କରା, ୮।୧ (ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବନ୍ଧବାହାଲ କ୍ଲବ ଆନୁକୂଲ୍ୟରେ ଜୟତରାମ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରର ବଛାବଛା ୧୬ଟି ଫୁଟବଲ ଟିମ୍ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ଦିବସରେ ରାଉରକେଲା ଥାନାର ଇନଚାର୍ଜ ହାରାମଣି ବାସ୍କେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଦିବସରେ ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ୍ ଛତିଶଗଡ଼ ଅମ୍ବିକାପୁର ଏବଂ ରାଉରକେଲା ଜଲଦା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅମ୍ବିକାପୁର ଦଳ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିଫାଇନାଲକୁ ଉନ୍ନୀତ ହୋଇଛି। ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

### କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ: କାଦୋପଡା ଚାମ୍ପିୟନ

ଦେବଗଡ,୮।୧(ଡି.ଏନ.ଏ):ବାରକୋଟ ବ୍ଲକ ବିଜୟନଗର ପଞ୍ଚାୟତ ସଦର ମହକୁମାସ୍ଥିତ ମା' ଶରଣୀପାଟ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଗତ ୪ ତାରିଖ ଠାରୁ ଆରମ୍ଭ ହୋଇଥିବା ପ୍ରଥମ ଅରୁଣ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ କାଦୋପଡା କ୍ରିକେଟ କ୍ଲବକୁ ୬ ରନରେ ପରାସ୍ତ କରି ବାହାଡାପୋଶି କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି । ବାହାଡାପୋଶି କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରିବା ସହ ନିର୍ଦ୍ଧାରିତ ଓଭରରେ ମୋଟ ୭୧ ରନ ସଂଗ୍ରହ କରିଥଲା । ଏହାର ଜବାବରେ କାଦୋପଡା କ୍ରିକେଟ କ୍ଲବ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ମାତ୍ର ୬୫ ରନ ସଂଗ୍ରହ କରିବା ସହ ୬ ରନରେ ପରାସ୍ତ ହୋଇଥିଲା । ଫାଇନାଲ ମ୍ୟାଚକୁ ଅମ୍ପାୟାର ଭାବେ ଆଲୋକ କୁମାର ପ୍ରଧାନ ଓ ମନୋଜ ପ୍ରଧାନ ପରିଚାଳନା କରିଥିଲେ। ଆୟୋଜକ ମାଁ ଶରଣୀପାଟ କ୍ରିକେଟ କ୍ଲବର ସଭାପତି ସୁଶାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜୟନଗର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ନଟବର ଦଡ଼ଉ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ସନ୍ତୋଷ ପାଣି ଯୋଗଦେଇ ଚାମ୍ପିୟନ ବାହାଡାପୋଶି କ୍ରିକେଟ କ୍ଲବ ଓ ରନର୍ସ ଅପ୍ କାଦୋପଡା କ୍ରିକେଟ କ୍ଲବକୁ ଟ୍ରଫିସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ । ଶେଷରେ ମା' ଶରଣୀପାଟ କ୍ରିକେଟ କ୍ଲବର ସମ୍ପାଦକ ଆଲୋକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁନ୍ଦରଗଡ଼ର ଐତିହ୍ୟ, ସଂସ୍କୃତି ମହାନ

**ଜିଲା ସଂସ୍କୃତି ଭବନ, ପାଠାଗାର ଉଦ୍‌ଘାଟିତ**

■ ଐତିହ୍ୟ, ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାରରେ ଜିଲା ପ୍ରଶାସନ ପଦକ୍ଷେପ ନେଉଛି :ଜିଲାପାଳ

ସୁନ୍ଦରଗଡ଼, ୮।୧ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାର କଳା ସଂସ୍କୃତି ମହାନ। ଏହାର ଐତିହ୍ୟ, କଳା ଓ ସଂସ୍କୃତିର ସୁରକ୍ଷା ତଥା ପ୍ରଚାରପ୍ରସାର ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ନେଉଛି ବୋଲି ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ପ୍ରକାଶ କରିଛନ୍ତି। ଶୁକ୍ରବାର ଜିଲା ସଂସ୍କୃତି ଭବନ, ପାଠାଗାର ଏବଂ ଜିଲା ସଂସ୍କୃତି କାର୍ଯ୍ୟାଳୟର ଉଦ୍‌ଘାଟନ ଅବସରରେ ଜିଲାପାଳ ଏହା ପ୍ରକାଶ କରିବା ସହ ସୁନ୍ଦରଗଡ଼ବାସୀଙ୍କ ସଂସ୍କୃତିର ସମ୍ମାନ ପାଇଁ ଏହି ଭବନ ବେଶ ଉପଯୋଗୀ ହେବ ବୋଲି କହିଛନ୍ତି। ସ୍ଥାନୀୟ କଳାକାରମାନଙ୍କର ସୃଜନାତ୍ମକ ପ୍ରତିଭାର ବିକାଶ ଓ ଲୋକଲୋଚନକୁ ଆଣିବାରେ ଉଦ୍ୟମ କରାଯାଉଥିବା ବେଳେ ଜିଲା ପାଠାଗାର ଜିଲାବାସୀଙ୍କ ବୌଦ୍ଧିକ ବିକାଶରେ ବିଶେଷ ସହାୟକ ହେବ ବୋଲି ଜିଲାପାଳ କହିଥିଲେ। ଏହି ଭବନରେ ସୁନ୍ଦରଗଡ଼ର ଲୋକକଳା ଓ ଜନଜୀବନକୁ ନେଇ ସ୍ଥାନୀୟ ଚାରୁକାରୁକଳା ମହାବିଦ୍ୟାଳୟ କଳାୟତନର ଚିତ୍ରଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ଏଠାରେ ପ୍ରଦର୍ଶିତ ହୋଇଛି। ବର୍ତ୍ତମାନ ସ୍କୁଲ, କଲେଜ ଖୋଲିବା ଆରମ୍ଭ କରିଥିବା ବେଳେ କୋଭିଡ ସମୟବେଳେ ବନ୍ଦ ରହିଥିବା ପାଠାଗାର ଓ ଜିଲାପାଳଙ୍କ ବାସଭବନ ସଂଲଗ୍ନ ବହିବଗିଚା ପର୍ଯ୍ୟାୟକ୍ରମେ କୋଭିଡ ନିୟମାନୁଯାୟୀ ଖୋଲିବା ପାଇଁ ପ୍ରଶାସନ ପଦକ୍ଷେପ ନେଉଛି ବୋଲି କହିଥିଲେ। ଏହି ଅବସରରେ ସୁନ୍ଦରଗଡର ଲୋକକଳାର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାର ଆରମ୍ଭ କରିଥିବା ସହଭାଗୀତା କାର୍ଯ୍ୟକ୍ରମ ଜିଲାରେ ଶୁଭାରମ୍ଭ କରାଯାଇଛି। ଆଦିବାସୀ ସଂସ୍କୃତି ଓ ବିଭିନ୍ନ ଲୋକକଳାକୁ ନେଇ ସମୃଦ୍ଧ ସୁନ୍ଦରଗଡ଼ ଜିଲା ଏହି ଲୋକକଳାକୁ ଉଜ୍ଜୀବୀତ ରଖିବା, କଳାକାରମାନଙ୍କ ଜୀବିକାକୁ ସୁନିଶ୍ଚିତ କରିବା ତଥା ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ପ୍ରଚାରପ୍ରସାର ପାଇଁ ଏହି କଳାକୁ ପ୍ରମୁଖ ମାଧ୍ୟମଭାବେ ଗ୍ରହଣ କରିବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଜିଲା ସଂସ୍କୃତି ଭବନ କୋଠାରେ ଜିଲା ପାଠାଗାରକୁ ମଧ୍ୟ ଜିଲାପାଳ ଲୋକାର୍ପିତ କରିଥିଲେ। ଏଠାରେ ୨୦ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ପୁସ୍ତକ ରହିଛି। ଛାତ୍ରୀଛାତ୍ର, ପୁସ୍ତକପ୍ରେମୀ ଏବଂ ବିଭିନ୍ନ ବର୍ଗର ଲୋକ ଏହାର ସୁଯୋଗ ନେଇପାରିବେ। ପାଠକମାନେ ବସି ବହିପଢିବା ପାଇଁ ସ୍ୱତନ୍ତ୍ର ରିଡିଂରୁମ୍ ବ୍ୟବସ୍ଥା ମଧ୍ୟ କରାଯାଇଛି । ଛାତ୍ରୀଛାତ୍ର, ଯୁବ ବର୍ଗ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ବହିପଢିବାର ଆଗ୍ରହ ବଢାଇବା ପାଇଁ ସୁନ୍ଦରଗଡ଼-ବହିପଢ ଅଭିଯାନ ଜିଲାପାଳଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଏହି ଅଭିଯାନ ଅଧୀନରେ ବିଭିନ୍ନ ବ୍ଲକରେ ଗ୍ରାମୀଣ ପାଠାଗାର ନିର୍ମାଣ ମଧ୍ୟ କରାଯାଉଛି ବୋଲି ଜିଲାପାଳ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଜିଲା କଳା ସଂସ୍କୃତି ସଂଘ ଅଧୀନରେ ୭୩୯ଟି ଦଳ ପଞ୍ଜିକୃତ ହୋଇଛି। ଜିଲାରେ ପ୍ରାୟ ୧୨ହଜାର କଳାକାର ଅଛନ୍ତି। ଏହି କଳାକାରମାନଙ୍କୁ ପ୍ରୋତ୍ସାହନ ଦେଇ ଜିଲାର ଲୋକକଳା ଓ ସଂସ୍କୃତିକୁ ଆହୁରି ଜୀବନ୍ତ ରଖିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ଜିଲା ସଂସ୍କୃତି ଅଧିକାରୀ ଅନୀଲ କେରକେଟା, କଳାୟତନ ଅଧ୍ୟକ୍ଷ ଶୀତଳ ମହାପାତ୍ର ତଥା ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।


ଜିଲା ସଂସ୍କୃତି ଭବନକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

## ଯୁବ କଂଗ୍ରେସର ବିକ୍ଷୋଭ

ସମ୍ବଲପୁର, ୮।୧ (ବ୍ୟୁରୋ)

କେନ୍ଦ୍ର ସରକାରଙ୍କ କଳା କୃଷି ଆଇନକୁ ବିରୋଧ କରି ଶୁକ୍ରବାର ସମ୍ବଲପୁର ଯୁବ କଂଗ୍ରେସ ପକ୍ଷରୁ ଗୋଳବଜାର ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏଥିସହ କୃଷି ଆଇନ ବିରୋଧରେ ଚାଲିଥିବା ଆନ୍ଦୋଳନରେ ଶହୀଦ ହୋଇଥିବା କୃଷକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଜିଲା ଯୁବ କଂଗ୍ରେସ କମିଟି ସଭାପତି ପ୍ଲାବନ ବହିଦାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଆଶୁତୋଷ ସ୍ୱାଇଁ, ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ, ବରିଷ୍ଠ ନେତା ସୁରେଶ୍ୱର ମିଶ୍ର, ବିଜୟ ଭୂୟାଁ, ନିରଞ୍ଜନ ତ୍ରିପାଠୀ, ଦୀନବନ୍ଧୁ ପରିଡା, ସୁଧୀର ପଣ୍ଡା, ମହମ୍ମଦ ଜୁବେର, ସୁରଙ୍ଗିନୀ ବାରିକ, ହରି ପାଢ଼ୀ, ଶ୍ରବଣ ମେହେର, ସାମୁ ଯୋଶୀ, କହ୍ନେଇ ଅଗ୍ରୱାଲ, ଇନ୍ଦ୍ର ବାରିକ, ସୁମିତ ଷଡଙ୍ଗୀ, ବିକାଶ ବେହେରା, ପିଙ୍କି ସିଂ, ହରି ମେହେର, ନୀଳକଣ୍ଠ ମେସୁଆ, ମୁକେଶ ମେହେର, ଯୋଗେଶ ବାଗ, ଗିରିଶ ଚନ୍ଦ୍ର ପୃଷେଟ, ସୌମ୍ୟରଞ୍ଜନ ଟୈନା, ଅମନଦିପ ସିଂ ସାଲୁଜା, ଗୋବିନ୍ଦ ଘିବେଲା ପ୍ରମୁଖ ସାମିଲ ଥିଲେ।

## ବନ୍ଧବାହାଲରେ ଟ୍ରାଫିକ୍ ସମସ୍ୟା: ଯାତାୟାତ ବାଧାପ୍ରାପ୍ତ


ବନ୍ଧବାହାଲ ମାର୍କେଟରେ ଯାନବାହାନ ଅଟକି ରହିଛି ।

ଲଖନପୁର,୮।୧(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ବନ୍ଧବାହାଲ ମାର୍କେଟର ଉଭୟ ପାର୍ଶ୍ୱରେ କେତେକ ବ୍ୟବସାୟୀ ରାସ୍ତା ଉପରକୁ ମାଡିଯିବା ଫଳରେ ରାସ୍ତା ସଙ୍କୋଚିତ ହୋଇଯାଉଛି। ଫଳରେ ଯାନବାହାନ ଚଳାଚଳ କରିବା ସାଙ୍ଗକୁ ଲୋକେ ଯାତାୟତ କରିବାରେ ସମସ୍ୟା ସୃଷ୍ଟି ହେବାରେ ଲାଗିଛି । ଫଳରେ ଏହି ରାସ୍ତାରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି । ଏପରିକି ବନ୍ଧବାହାଲ ସମଲେଇ ମନ୍ଦିର ସମ୍ମୁଖରେ ଉଠାଦୋକାନୀମାନେ ଦୋକାନସବୁ ଲଗାଇବା ଫଳରେ ଗ୍ରାହକମାନେ ରାସ୍ତା ଉପରେ ଯାନବାହାନ ରଖି କିଣାବିକା କରୁଛନ୍ତି। ଏଠାରେ ରାସ୍ତା ଅବରୋଧ ହେଉଥିବା ଦେଖିବାକୁ ମିଳୁଛି। ଏସବୁକୁ ଦେଖିଲେ ବନ୍ଧବାହାଲ ମାର୍କେଟ୍‌ରେ ଟ୍ରାଫିକ୍ ସମସ୍ୟା ଜଟିଳ ହେବାରେ ଲାଗିଛି। ଏହିଭଳି ବନ୍ଧବାହାଲ-ଇବ୍‌ଥର୍ମାଲ ମୁଖ୍ୟରାସ୍ତା ପାର୍ଶ୍ୱରେ ଜବରଦଖଲ ବୃଦ୍ଧି ପାଉଥିବାବେଳେ ରାସ୍ତା ସଙ୍କୁଚିତ ହେବାରେ ଲାଗିଛି। ଫଳରେ ରାସ୍ତା ପ୍ରଶସ୍ତୀକରଣ ହୋଇପାରୁନାହିଁ। ଏନେଇ ସ୍ଥାନୀୟ ବାସିନ୍ଦା ଓ ଅଞ୍ଚଳର ଜନପ୍ରତିନିଧି ଜିଲାପାଳ,ଏସ୍‌ପି ଓ ସ୍ଥାନୀୟ ପୋଲିସ୍ ନିକଟରେ ଲିଖିତ ଅଭିଯୋଗକରି ଏହାର ପ୍ରତିକାର ପାଇଁ ଦାବି କରିଛନ୍ତି।

## ଆଜି ମା' ଗଡଦେବୀ ପୂଜା

**ବାଜିବ ଢୋଲ ନିଶାନ**

କିର୍ମିରା,୮।୧(ଡି.ଏନ.ଏ.)

ଝାରସୁଗୁଡା ଜିଲା କିର୍ମିରା ବ୍ଲକର ବିଭିନ୍ନ ଗ୍ରାମରେ ମା' ଗଡଦେବୀଙ୍କ ପୂଜାର୍ଚ୍ଚନା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଜିଠାରୁ ପୀଠସ୍ଥଳୀ ଉତ୍ସବମୁଖର ହୋଇଉଠିଛି। ରାତି ପାହିଲେ ବାଜିବ ଢୋଲ, ନିଶାନ । ଆଉ ମା'ଙ୍କ ନିକଟରେ ଲାଗିବ ଭକ୍ତଙ୍କ ଭିଡ । ବ୍ଲକର ଧୁତରା, ସାରସମାଲ, ସାରସପାଲି, ଚମ୍ପାପରା, ବିରାମଡିହି, କଙ୍କରାମୁଣ୍ଡା, ଟାଲମାଳ, ତୁଡିବାହାଲ, ପନଖିପରା, ଶ୍ରଦ୍ଧାପାଲି, ଚନ୍ଦରପୁର, ସୁଲାହି, ତୁଲେଶରା, କାଦୋବାହାଲ, ବାଗଡିହି, ଭୁର୍ଲାଡିହି, ଜାମକାନି, ଜୁନାପାଲି ଆଦି ଗ୍ରାମରେ ଶନିବାର ଦିନ ପାଳିତ ହେବ ଗଡଦେବୀଙ୍କ ପୂଜା । ପୂର୍ବରୁ ମାନସିକ ପୂରଣ ହେଲେ ଭକ୍ତମାନେ ବୋଦା, କୁକୁଡା ବଳି ଦେଉଥିଲେ । କିନ୍ତୁ ସମୟକ୍ରମେ ଲୋକେ ସଚେତନ ହେବା ଓ ଅଞ୍ଚଳର ଯୁବ ସଂଗଠନ ବିରୋଧ କରିବା ଦ୍ୱାରା ବଳିପ୍ରଥା ଲୋପ ପାଇଛି। ଲୋକେ ନଡିଆ, କଦଳୀ ଓ ବିଭିନ୍ନ ଫଳ ମାଆଙ୍କ ନିକଟରେ ପୂଜା କରିବା ଦେଖିବାକୁ ମିଳୁଛି। ଗଡଦେବୀଙ୍କ ଉପରେ ଅଖଣ୍ଡ ବିଶ୍ୱାସ ଓ ଭକ୍ତି ଏବେ ବି ଲୋକଙ୍କ ମଧ୍ୟରେ ଅତୁଟ ରହିଛି । ସେଥିପାଇଁ ପ୍ରତିବର୍ଷ ଅଞ୍ଚଳରେ ଥିବା ୨୫ରୁ ୩୦ ଖଣ୍ଡ ଗାଁର ମାଙ୍କ ପୂଜାପୀଠରେ ପ୍ରବଳ ଭିଡ ଲାଗେ । କିନ୍ତୁ ମା'ଙ୍କ ଉତ୍ପତ୍ତିର ମୁଖ୍ୟ ଗଡସ୍ଥଳୀ ଏବେ ମଧ୍ୟ ଅବହେଳିତ ହୋଇ ରହିଛି ବୋଲି ସ୍ଥାନୀୟ ଅଞ୍ଚଳର ଭଗବାନ ହଲୁଆ , ନୀଳାମ୍ବର ବାଗ ଓ କୁମ୍ଭକର୍ଣ୍ଣ ଗର୍ଡିଆ ପ୍ରକାଶ କରିଛନ୍ତି।

## ସରକାରୀ ଅଫିସରେ ତାଲା ମାରିଲେ ଚାଷୀ

କୁଚିଣ୍ଡା, ୮।୧ (ଡି.ଏନ୍.ଏ)

ସମ୍ବଲପୁର କୁଚିଣ୍ଡା ଉପଖଣ୍ଡରେ ଧାନ ସଂଗ୍ରହ କ୍ଷେତ୍ରରେ ଅବ୍ୟବସ୍ଥାକୁ ନେଇ ଚାଷୀ ଆନ୍ଦୋଳନ ଜାରି ରହିଛି। ଶୁକ୍ରବାର ଚାଷୀମାନେ କୁଚିଣ୍ଡା ଉପଖଣ୍ଡରେ ଥିବା ବିଭିନ୍ନ ସରକାରୀ ଅଫିସରେ ତାଲା ପକାଇ ଦେଇଛନ୍ତି। ଉପଜିଲାପାଳ ଅଫିସ, ତହସିଲ, ବ୍ଲକ ଅଫିସରେ ତାଲା ପକାଇ ଦେଇଥିଲେ। ଏହାଛଡା ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାନ ସଂଗ୍ରହ କରାଯାଉ ବୋଲି ଦାବି କରିଥିଲେ । ଖରିଫ ଧାନ କିଣାବିକାରେ ସରକାରଙ୍କ ଅବହେଳା ଯୋଗୁ ବ୍ଲକର ବିଭିନ୍ନ ମଣ୍ଡିରେ ଶହ ଶହ ବସ୍ତା ଧାନ ଖରା, ବର୍ଷାରେ ପଡି ରହିଛି। ଧାନ ବିକ୍ରି କରିବା ପାଇଁ ନୂତନ ଟୋକନ ଦେବା ସମେତ ବିଭିନ୍ନ ଦାବି ଜଣାଇଥିଲେ ।

## ହାଟପଡିଆ ଖାଲି, ରାସ୍ତା କଡରେ ପରିବା ବିକ୍ରି

ପଡିଆବାହାଲ,୮।୧(ଡି.ଏନ.ଏ.)

ଯୁଜୁମୁରା ବ୍ଲକର ପଡିଆବାହାଲ ସାପ୍ତାହିକ ହାଟ ପଡିଆ ଏବେ ଖାଲି ପଡିଛି। ସେଠାରେ ବେପାରୀମାନେ ବସୁ ନ ଥିବା ଦେଖିବାକୁ ମିଳୁଛି। ବାରମ୍ବାର ଦୁର୍ଘଟଣା ହେଉଥିବାରୁ ବାହାମ ପଞ୍ଚାୟତ ପଡିଆବାହାଲ ସାପ୍ତାହିକ ହାଟକୁ ରାସ୍ତା କଡରୁ ଉଠାଇ ନୂତନ ଭାବେ ନିର୍ମିତ ହାଟ ପଡିଆକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ କରୋନା ବେଳେ ଲକ୍‌ଡାଉନ, ସଟଡାଉନ ଯୋଗୁ ଥରକୁ ଥର ହାଟ ବନ୍ଦ ହେବା ଫଳରେ ଚାଷୀ, ବେପାରୀ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଏଣେ ତେଣେ ପସରା ମେଲେଇ ବେପାର କଲେ । ସଂପ୍ରତି ପଡିଆବାହାଲ ୫୩ ନଂ ଜାତୀୟ ରାଜପଥର ଉଭୟପାର୍ଶ୍ୱ ତୁରାଙ୍ଗ, ପଧାନପାଲି ଛକଠାରେ ଦୈନିକ ପରିବା ହାଟ ବସୁଥିଲା ବେଳେ ବିରାଟ ହାଟ ପଡିଆ ଖାଲି ପଡିଛି । ହାଟ ବସୁଥିବା ସ୍ଥାନ ଜାତୀୟ ରାଜପଥ ଏବଂ ଛକ ହୋଇଥିବାରୁ ବିପଦକୁ ଏଡାଇ ଦେଇ ହେବନାହିଁ । ଜନପ୍ରତିନିଧି ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ରାଜଗାଙ୍ଗପୁର, କୁତ୍ରାରେ ମାଣ୍ଡିଆମଣ୍ଡି ଉଦ୍‌ଘାଟିତ



ରାଜଗାଙ୍ଗପୁରରେ ମାଣ୍ଡିଆମଣ୍ଡି ଶୁଭାରମ୍ଭ କରାଯାଉଛି (ବାମ) କୁତ୍ରାରେ ମାଣ୍ଡିଆମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ରାଜଗାଙ୍ଗପୁର, ୭।୧ (ଡି.ଏନ୍.ଏ.)

ରାଜଗାଙ୍ଗପୁରରେ ଅବସ୍ଥିତ ଲ୍ୟାମ୍ପ୍ସ (ବୃହତ୍ତର ବହୁମୁଖୀ ଆଦିବାସୀ ସମବାୟ ସମିତି)ରେ ଗୁରୁବାର ମାଣ୍ଡିଆ ମଣ୍ଡିର ଉଦ୍‌ଘାଟନ ହୋଇଛି। ମୁଖ୍ୟ ଅତିଥି ଭାବେ ରାଜଗାଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପିୟୁଷ ଲୁହାର ଯୋଗଦେଇ ଫିତାକାଟି ଏହି ମଣ୍ଡିର ଉଦ୍‌ଘାଟନ କରିବା ସହ ନିଜ ବକ୍ତବ୍ୟରେ ଏ ଅଞ୍ଚଳର ଚାଷୀ ଓ ଚାଷର ଉନ୍ନତି ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ତହସିଲଦାର ଶରତ ବାଗ, କୃଷି ଜିଲା ଅଧିକାରୀ ରାଜଗାଙ୍ଗପୁର ଧ୍ରୁବଚରଣ ମହନତ, ବ୍ଲକ କୃଷି ଅଧିକାରୀ ହେମନ୍ତ ଜେନା, କୃଷି ସହ ଅଧିକାରୀ ଆଶିଷ ଦାସ, ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ରାଜଗାଙ୍ଗପୁର ବ୍ଲକ ଅଧକ୍ଷ ରାଧା ବରୁଆ, ଆଦିବାସୀ ଉନ୍ନୟନ ସମବାୟ ନିଗମ ଶାଖା ଅଧିକାରୀ ଜୟପ୍ରକାଶ ମହାନ୍ତି, ରାଜଗାଙ୍ଗପୁର ଲ୍ୟାମ୍ପ୍ସ ନିର୍ଦ୍ଦେଶକ ପରୀକ୍ଷିତ ସାହୁ, ସିଆଇଆରଟିଡି ଏନଜିଓ ବ୍ଲକ ସଂଯୋଜକ ଶିବାଜୀ ପ୍ରଧାନ ଓ ନିୟନ୍ତ୍ରିତ ବଜାର କମିଟିର ତରୁଣ ମିଶ୍ର ପ୍ରଭୃତି ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ସୂଚନା ଅନୁଯାୟୀ ଚଳିତବର୍ଷ ମାଣ୍ଡିଆ ଚାଷ ପାଇଁ ୮୮୬ ଜଣ ଚାଷୀ ନିଜର ନାମପଞ୍ଜିକୃତ କରିଥିଲେ। ୬୦୦ ଏକରରେ ଏହି ମାଣ୍ଡିଆ ଚାଷ କାର୍ଯ୍ୟ ଅନୁଷ୍ଠିତ ହୋଇଛି। ମାଣ୍ଡିଆର କୁଇଣ୍ଟାଲ ପିଛା ୩୨୯୫ ଟଙ୍କା ଧାର୍ଯ୍ୟ କରାଯାଇଛି। ସମୁଦାୟ ୧୨୦୦ କୁଇଣ୍ଟାଲ ମାଣ୍ଡିଆ କିଣିବେ ବୋଲି ଲ୍ୟାମ୍ପ୍ସ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି କୁତ୍ରା ସମବାୟ ସମିତି ଦ୍ୱାରା ଶୁକ୍ରବାର ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କୁତ୍ରା ବିଡିଓ ମାନସରଞ୍ଜନ ରାୟ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଟିଡିସିସି ପ୍ରବନ୍ଧକ ଜୟପ୍ରକାଶ ମହାନ୍ତି, ଶାଖା ପରିଚାଳକ ସନ୍ତୋଷ ସାହୁ, କୃଷି ଅଧିକାରୀ ସଞ୍ଜୀବ କୁମାର ମହାନ୍ତି, ମିଲୋଟମିସନ କର୍ମଚାରୀ, ଲ୍ୟାମ୍ପସ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। କୁତ୍ରା ସମବାୟ ସମିତି ଦ୍ୱାରା ୯ ମଣ୍ଡି ଖୋଲା ଯାଇଥିବାବେଳେ ଏଥିରୁ ୧୫ ଶହ କୁଇଣ୍ଟାଲ ମାଣ୍ଡିଆ କିଣିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରଥମ ଦିନରେ ୯୫ ଜଣ ଚାଷୀଙ୍କ ଠାରୁ ୮୩ କୁଇଣ୍ଟାଲ ୩୭ କେଜି ମାଣ୍ଡିଆ କିଣା ଯାଇଛି । କୁଇଣ୍ଟାଲ ପ୍ରତି ୩୨୯୫ ଟଙ୍କା ଦରରେ ଚାଷୀ ନିଜର ମାଣ୍ଡିଆ ବିକିପାରିବେ।

## ଡୁଡୁକା-ଲଇକେରା ରାସ୍ତାରେ କୋଇଲା ପରିବହନ ଉପରେ କଟକଣା

ସୁନ୍ଦରଗଡ, ୮।୧ (ଡି.ଏନ୍.ଏ.)

ସୁନ୍ଦରଗଡ ଜିଲା ହେମଗିର ବ୍ଲକସ୍ଥିତ ଡୁଡୁକା -ଲଇକେରା ରେଲୱେ ସାଇଡିଂକୁ ହେଉଥିବା କୋଇଲା ପରିବହନ ଯୋଗୁ ସମ୍ପୃକ୍ତ ଅଞ୍ଚଳବାସୀ ଗୁରୁତର ପ୍ରଦୂଷଣର ଶିକାର ହେବା ସହ ସାଧାରଣ ଜୀବନ ଉପରେ ଏହାର ପ୍ରଭାବ ପଡିଛି । ଏଠାରେ ସମ୍ପୂର୍ଣ୍ଣ ଭାବେ ମାନବଅଧିକାର ଉଲଂଘନ ହେଉଥିବା ଅଭିଯୋଗ ଉପରେ ଶୁଣାଣି କରି ରାଜ୍ୟ ମାନବଅଧିକାର ଆୟୋଗ ଜଷ୍ଟିସ ବିଜୟକୃଷ୍ଣ ପଟେଲ ଗତ ୩୧ ତାରିଖ ଏହା ଉପରେ ଶୁଣାଣି କରିଛନ୍ତି। ଆୟୋଗ ଗ୍ରାମବାସୀଙ୍କ ଅଭିଯୋଗ ଓ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ରିପୋର୍ଟକୁ ତର୍ଜମା କରି ସୁନ୍ଦରଗଡ଼ ଜିଲାପାଳ, ଏମ୍‌ସିଏଲର ଜି.ଏମ୍ ଓ ଦକ୍ଷିଣ-ପୂର୍ବ ରେଳପଥର ଜେନେରାଲ ମ୍ୟାନେଜରଙ୍କୁ ଆସନ୍ତା ୮ସପ୍ତାହ ମଧ୍ୟର ନିଜର ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଡୁଡୁକା -ଲଇକେରା ରାସ୍ତାରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କୋଇଲା ପରିବହନକୁ ବନ୍ଦ ରଖିବା ପାଇଁ ଆୟୋଗ ସୁନ୍ଦରଗଡ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ମାନବଅଧିକାର ଆୟୋଗ ପଟେଲଙ୍କ ସୁନ୍ଦରଗଡ଼ ଗସ୍ତ ଅବସରରେ ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ କୁମାର ସିଂ ଙ୍କ ନେତୃତ୍ୱରେ ଜିଲା ପରିଷଦ ଉପାଧ୍ୟକ୍ଷ କାଶୀନାଥ ରାଉତ, କନକତୁରା ପଞ୍ଚାୟତର ସମିତି ସଭ୍ୟ ସୁନ୍ଦରଲାଲ ଓରାମ ଓ ସ୍ଥାନୀୟ ଅଞ୍ଚଳବାସୀ ଲିଖିତ ଭାବେ ଏମସିଏଲ୍ ଡୁଡୁକା -ଲଇକେରା ରେଲଓେ ସାଇଡିଂ ମାନବ ଅଧିକାର ଓ ପରିବେଶ ଆଇନ୍‌କୁ ଖୋଲାଖୋଲି ଉଲ୍ଲଂଘନ କରୁଥିବା ନେଇ ଅଭିଯୋଗ କରିଥିଲେ । ଏହି ରାସ୍ତାଦେଇ କୋଇଲା ବୋଝେଇ ଭାରିଯାନଗୁଡିକ କୋଇଲା ସାଇଡିଂକୁ ଚଳାଚଳ କରୁଥିବାରୁ ସ୍ଥାନୀୟ ଲୋକମାନେ ଯାତାୟତ ବେଳେ ଅସୁବିଧାର ସମ୍ମୁଖୀନ ହେବା ସହ ପ୍ରଦୂଷଣର ଶିକାର ହେଉଛନ୍ତି। ଏପରିକି ଦୁର୍ଘଟଣା ସଂଖ୍ୟା ମଧ୍ୟ ବୃଦ୍ଧି ପାଇବା ସହ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇଥିବା ନେଇ ଅଭିଯୋଗ କରିଥିଲେ ।

# ଜିଲା ପରିଷଦ ବୈଠକ

ସମ୍ବଲପୁର,୮।୧(ବ୍ୟୁରୋ)

ସମ୍ବଲପୁର ଡିଆରଡିଏ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ପରିଷଦ ଅଧକ୍ଷ ରାଧେଶ୍ୱାମ ବାରିକ ସଭାପତିତ୍ୱ କରିଥିଲେ । ରେଢାଖୋଲ ବିଧାୟକ ତଥା ରାଜ୍ୟ ଉପମୁଖ୍ୟ ସଚେତକ ରୋହିତ ପୁଜାରୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଭାଜପା ରାଜ୍ୟ ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାଏକ,ଏମପି ପ୍ରତିନିଧି ମୋହନ ଦାସ, ଜିଲାପାଳ ଶୁଭମ ସକସେନା, ଡିଆରଡିଏ ପିଡି ସୁକାନ୍ତ ତ୍ରିପାଠୀ ଉପସ୍ଥିତ ଥିଲେ । ପୂର୍ବାହ୍ନ ୧୧ଟା ୪୫ ମିନିଟରୁ ବୈଠକ ଆରମ୍ଭ ହୋଇ ଅପରାହ୍ନ ପ୍ରାୟ ୨ଟା ୪୫ ମିନିଟରେ ଶେଷ ହୋଇଥିଲା । ମାତ୍ର ୩ ଘଣ୍ଟା ସମୟ ସୀମା ଭିତରେ ଜନପ୍ରତିନିଧିମାନେ ସ୍ଥାନୀୟ ଲୋକଙ୍କ ସମସ୍ୟା, ନୂତନ ପ୍ରକଳ୍ପ, ଅଞ୍ଚଳ ବିକାଶ ନେଇ ଆଲୋଚନା କରିଥିଲେ। ଯାହାକୁ ନେଇ ଏବେ ଚର୍ଚ୍ଚା ହେଉଛି। କମ ସମୟ ଭିତରେ ସଭ୍ୟାସଭ୍ୟ ଓ ପ୍ରଶାସନ କିଭଳି ଭାବେ ପ୍ରସ୍ତାବ ଉପରେ ଆଲୋଚନା ହୋଇ ଗୃହୀତ ହୋଇଗଲା ବୋଲି ପ୍ରଶ୍ନ ହେଉଛି । ବାସ୍ତବରେ ନାମକୁ ମାତ୍ର ଏହି ବୈଠକ ହୋଇଥିବା ଜଣେ ଜିଲାପରିଷଦ ସଭ୍ୟା ଅଭିଯୋଗ କରିଛନ୍ତି । ବୈଠକରେ ରବି ଚାଷ, ଉଦ୍ୟାନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଥିଲା । ଏହାଛଡା ମତ୍ସ୍ୟ ବିଭାଗ, ଯୋଗାଣ ବିଭାଗ, ସମବାୟ ବିଭାଗର କୃଷି ଋଣ, ସ୍ୱାସ୍ଥ୍ୟ ବିଭାଗ, ପ୍ରାଥମିକ ଶିକ୍ଷା, ଗ୍ରାମ୍ୟ ନିର୍ମାଣ, ଜଳସେଚନ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ପୂର୍ତ୍ତ ବିଭାଗ, ପାନୀୟ ଜଳ ଓ ପରିମଳ ବିଭାଗର ଅଗ୍ରଗତି ଓ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା । ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଆଗାମୀ ବର୍ଷ ପାଇଁ ଖସଡା ପ୍ରସ୍ତୁତ କରାଯାଇଥିଲା ।

# ମଣ୍ଡିରେ ପଡ଼ି ରହିଛି ଧାନ, ଚିନ୍ତାରେ ଚାଷୀ

ନାକଟିଦେଉଳ,୮।୧(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବାଟଗାଁ ମଣ୍ଡିରେ ଟାର୍ଗେଟ ନ ଥିବାରୁ ଚାଷୀମାନଙ୍କ ଧାନ ଉଠି ପାରୁ ନ ଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଧାନ ବିକି ପାରି ନ ଥିବା ଚାଷୀମାନେ ଏବେ ଚିନ୍ତାରେ ପଡି ଯାଇଛନ୍ତି ।

ପ୍ରକାଶ ଯେ, ବାଟଗାଁ ମଣ୍ଡିରେ ନଭେମ୍ବର ୨୮ତାରିଖ ଠାରୁ ଧାନ କିଣା ଆରମ୍ଭ ହୋଇଛି ।ଏହି ମଣ୍ଡି ଉପରେ ବାଟଗାଁ , ଜାମୁଯୋରୀ ପଞ୍ଚାୟତର ସମସ୍ତ ଗ୍ରାମ ସମେତ ସାହେବୀ ପଞ୍ଚାୟତର ହିଞ୍ଜାମୁରା ଗ୍ରାମର ଚାଷୀମାନେ ନିର୍ଭର କରିବା ସହ ଧାନ ବିକ୍ରି କରିଥାନ୍ତି । ତେବେ ମଣ୍ଡି ଖୋଲିବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ଏହି ମଣ୍ଡିରେ ପ୍ରାୟ ୭୫୦ଜଣ ଚାଷୀଙ୍କ ଠାରୁ ୩୧ହଜାର ୪ଶହ କୁଇଣ୍ଟାଲ ଧାନ କିଣାଯାଇଛି। ହେଲେ ବର୍ତ୍ତମାନ ଆଉ ମଣ୍ଡିରେ ଟାର୍ଗେଟ ନାହିଁ। ଧାନ ବିକ୍ରି ପାଇଁ ଟୋକନର ବୈଧତା ଶେଷ ହୋଇ ଯିବା ଭୟରେ ଚାଷୀମାନେ ମଣ୍ଡିକୁ ଧାନ ଆଣି ଗଦାଇ ରଖିଛନ୍ତି । କେହି ଚାଷୀ ହଳଗାଡ଼ିରେ ଧାନ ଆଣି ବାଟଗାଁ ସେବା ସମବାୟ ସମିତିରେ ଖୋଲା ଯାଇଥିବା ମଣ୍ଡିରେ ଧାନ ଗଦାଇ ରଖିଛି ତ ଆଉ କେହି ଚାଷୀ ଭ୍ୟାନ କିମ୍ବା ଟ୍ରାକ୍ଟରରେ ଧାନ ଆଣି ମଣ୍ଡିରେ ତିନି ଦିନ ହେଲା ରଖିଛନ୍ତି । ଟୋକନ ଥାଇ ମଣ୍ଡିରେ ଟାର୍ଗେଟ ନ ଥିବାରୁ ଧାନ ବିକ୍ରି ହୋଇପାରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏପରି କି ମିଲ୍‌ର୍ସ ଧାନ କୁଇଣ୍ଟାଲ ପିଛା ୫ କେଜି କଟନି ଛଟନି କରୁଥିବାରୁ ଚାଷୀମାନେ ଧାନ ବିକ୍ରି କରିବାକୁ ରାଜି ହେଉ ନାହାନ୍ତି। ଗତବର୍ଷ ତୁଳନାରେ ଚଳିତବର୍ଷ ଭଲ ଧାନ ଉତ୍ପାଦନ ହୋଇଛି। ଅଦ୍ୟାବଧି ୭୫ ପ୍ରତିଶତ ଧାନ ବିକ୍ରି ହୋଇଥିବା ବେଳେ ଚାଷୀମାନଙ୍କ ଠାରେ ବଳକା ଧାନ ପଡ଼ିରହିଛି । ଗତ ସୋମବାର ଠାରୁ ଏହି ଅଞ୍ଚଳର ଚାଷୀମାନେ ମଣ୍ଡିକୁ ପ୍ରାୟ ୨ହଜାର କୁଇଣ୍ଟାଲରୁ ଅଧିକ ପରିମାଣର ଧାନ ବିକ୍ରି କରିବାକୁ ଆଣି ମଣ୍ଡିରେ ଥାକ ମାରିଛନ୍ତି । କିନ୍ତୁ ଗୋଟିଏ ପଟରେ ମିଲ୍‌ର୍ସର କଟନି ଛଟନି ଏବଂ ଅନ୍ୟପଟେ ଟାର୍ଗେଟ ନ ଥିବାରୁ ଚାଷୀ ଧାନ ବିକ୍ରି କରି ନ ପାରି ଆଜିକୁ ଚାରି ଦିନ ହେଲା ଶୀତ କାକରରେ ମଣ୍ଡିରେ ନିଜ ଧାନକୁ ଜଗି ରହିଥିବା ଦେଖିବାକୁ ମିଳିଛି । ଅପରପକ୍ଷରେ ପାଗ କୋହଲା ରହିଥିବାରୁ ବର୍ଷା ଆଶଙ୍କାରେ ଚାଷୀମାନେ ଚିନ୍ତାରେ ପଡ଼ି ଯାଇଛନ୍ତି । ଏହି ମଣ୍ଡିରେ ୧ ହଜାର କୁଇଣ୍ଟାଲ ଧାନ କିଣାଯିବାକୁ ଗତ ୬ ତାରିଖରେ ଟାର୍ଗେଟ ଆସିଥିଲେ ମଧ ମଣ୍ଡିକୁ ୨ହଜାର କୁଇଣ୍ଟାଲ ଧାନ ଆସିଛି । ତେବେ କେଉଁ ଚାଷୀଙ୍କ ଧାନ ପ୍ୟାକ୍ସ କିଣିବ ସେ ନେଇ ଦ୍ୱନ୍ଦ୍ୱ ଉପୁଜି ଥିବା ବେଳେ ସବୁ ଚାଷୀଙ୍କ ଧାନ କିଣିବାକୁ ଚାଷୀମାନେ ଅଡ଼ି ବସିଛନ୍ତି । ଏଣୁ ଉକ୍ତ ମଣ୍ଡିରେ ଧାନ ଉଠାଣ ପାଇଁ ଟାର୍ଗେଟ ବଢାଯିବାକୁ ଚାଷୀମାନେ ଦାବି କରିଛନ୍ତି।


ମଣ୍ଡିରେ ଧାନ ଗଦା ହୋଇ ରହିଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୯ ଜାନୁୟାରୀ, ୨୦୨୧

**ପ୍ରଥମ ଦିନରେ ୧୦୧୮ ଛାତ୍ରୀଛାତ୍ର ଉପସ୍ଥିତ**

ଜୁନାଗଡ(ଡି.ଏନ.ଏ.): କରୋନା କଟକଣା କୋହଳ ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଦୀର୍ଘ ମାସ ପରେ ଶୁକ୍ରବାର ହାଇସ୍କୁଲଗୁଡିକ ଖୋଲିଛି। ପ୍ରଥମ ପର୍ଯ୍ୟାୟରେ ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଅଧ୍ୟୟନ କରିବେ ବୋଲି ସରକାର ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର କଳାହାଣ୍ଡି ଜିଲା ଜୁନାଗଡ ବ୍ଲକର ୩୭ଟି ସରକାରୀ ହାଇସ୍କୁଲ ଖୋଲିଛି। ଏହି ସବୁ ହାଇସ୍କୁଲର ଦଶମ ଶ୍ରେଣୀରେ ୨୯୬୦ ଛାତ୍ରୀଛାତ୍ର ରହିଥିବା ବେଳେ ପ୍ରଥମ ଦିନରେ ୧୦୧୮ ଛାତ୍ରୀଛାତ୍ର ସ୍କୁଲକୁ ଆସିଥିଲେ। କୋଭିଡ୍ ନିୟମ ଅନୁଯାୟୀ ଗୋଟିଏ ବେଞ୍ଚରେ ଜଣେ ଛାତ୍ରୀ କିମ୍ବା ଛାତ୍ରଙ୍କୁ ବସାଯାଇ ପାଠ ପଢାଯାଉଥିବା ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ସେନାପତି ପ୍ରକାଶ କରିଛନ୍ତି।



# ଭଲ ଲାଗିଲା, ଭୟ ଗଲାନି

## ଛାତ୍ରୀଛାତ୍ର ଯାହା କହନ୍ତି...

### ମନରୁ ଯାଇନି କରୋନା ଭୟ



କରୋନା ଭୟ ମନ ଭିତରୁ ଯାଇନାହିଁ। ସ୍କୁଲ ଗଲୁ ଏବଂ ପାଠ ପଢ଼ିଲୁ। ସେଥିପାଇଁ ବହୁତ ଭଲ ଲାଗୁଛି। ମାସ୍କ ପିନ୍ଧିଥିଲୁ। ସାମାଜିକ ଦୂରତା ରଖି ବସିଥିଲୁ। ନିୟମିତ ସ୍କୁଲ ଆସିବି କିନ୍ତୁ ସତର୍କତା ଅବଲମ୍ବନ କରିବି।

**କିଶନ ପାତ୍ର, ରାଣାପ୍ରତାପ ହାଇସ୍କୁଲ, ବରଗଡ**

### ଘର ପାଠପଢ଼ାରେ ଖୁସି ହୋଇପାରୁ ନ ଥିଲି



ସ୍କୁଲ ବନ୍ଦ ଯୋଗୁ ପାଠପଢ଼ା ପ୍ରଭାବିତ ହୋଇଥିଲା। ଅନ୍‌ଲାଇନ କ୍ଲାସ ଚାଲିଥିଲା। ହେଲେ ଶ୍ରେଣୀ କୋଠରୀ ପାଠପଢ଼ା ଅଲଗା। ଘରେ ପଢୁଥିଲି। ହେଲେ ଖୁସି ନ ଥିଲି । ବିଭିନ୍ନ ବିଷୟବସ୍ତୁକୁ ନେଇ ଅନେକ ସନ୍ଦେହ ରହିଥିଲା। ଏଣିକି ଶିକ୍ଷକଙ୍କୁ ତାହା ପଚାରି ବୁଝିପାରିବି ।

**ରାଜେଶ ଦୀପ, ରାଣାପ୍ରତାପ ହାଇସ୍କୁଲ, ବରଗଡ**

### ଖୁସି ଆଣିଲା ସହପାଠୀଙ୍କ ସାକ୍ଷାତ



ସ୍କୁଲ ପରିସର ପୂର୍ବାପେକ୍ଷା ଅଧିକ ସଫାସୁତୁରା ହୋଇଥିଲା। ସ୍କୁଲ ଫାଟକରେ ସାନିଟାଇଜର ଦେବା ସହିତ ମାସ୍କ ପରିଧାନ ପାଇଁ କୁହାଯାଉଥିଲା। ଶ୍ରେଣୀ କୋଠରୀରେ ମଧ୍ୟ ବସିଥିବାବେଳେ ମାସ୍କ ପିନ୍ଧିଥିଲୁ। ସହପାଠୀଙ୍କ ସହିତ ପାଠପଢ଼ି ଖୁସି ଲାଗିଲା ।

**ମୋତିରାଣୀ ଗହୀର, ରାଣାପ୍ରତାପ ହାଇସ୍କୁଲ, ବରଗଡ**

### କଠିନ ପରିଶ୍ରମ କରିବାକୁ ପଡିବ



କରୋନା ଯୋଗୁ ଦୀର୍ଘ ୯ ମାସ ଧରି ବିଦ୍ୟାଳୟ ବନ୍ଦ ହୋଇପଡିଥିଲା। ଆଜି ବିଦ୍ୟାଳୟକୁ ଆସିଥିବାରୁ ବହୁତ ଖୁସି ଲାଗୁଛି। ସାଙ୍ଗମାନଙ୍କୁ ଦୀର୍ଘଦିନ ପରେ ଦେଖିବାକୁ ମିଳିଥିଲା। ଆଉ ଶହେ ଦିନ ପରେ ମାଟ୍ରିକ୍ ପରୀକ୍ଷା। କଠିନ ପରିଶ୍ରମ କରିବାକୁ ପଡିବ ।

**ମେଘନା ମଉଗଜ ସିଂ, ଚାରିଛକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ବୌଦ୍ଧ**

### ବର୍ତ୍ତମାନ ପାଠକୁ ଭୟ



ଦୀର୍ଘଦିନ ପରେ ଆଜି ପ୍ରଥମ କରି ବିଦ୍ୟାଳୟକୁ ଆସିଛି । କରୋନା ଭୟ ଆଉ ନାହିଁ। ଆମର ଭୟ ବର୍ତ୍ତମାନ ପାଠକୁ। କାରଣ ଆଗକୁ ମାଟ୍ରିକ ପରୀକ୍ଷା । ପାଠ ପଢା କିଛି ନାହିଁ। ବହୁ ଦିନ ପରେ ସାଙ୍ଗମାନଙ୍କୁ ଦେଖିବା ପରେ ଖୁସି ଲାଗିଲା। ଶିକ୍ଷାଦାନ ପ୍ରତି ଗୁରୁତ୍ୱ ଦେଲେ ପରୀକ୍ଷା ଭଲ ହେବ ।

**ଚିନ୍ମୟ ବେହେରା, ଲାଲାବାହାଦୁର ବିଦ୍ୟାପୀଠ, ବୌଦ୍ଧ**

### ପରୀକ୍ଷାରେ ସହାୟକ ହେବ, ଦ୍ୱନ୍ଦ୍ୱ ଦୂର ହେବ



ସ୍କୁଲ ଯାଇ ପାଠ ପଢିବା ଦ୍ୱାରା ଏହା ପରୀକ୍ଷାରେ ସହାୟକ ହେବ। ଅନ୍‌ଲାଇନରେ ପଢିବା ସମୟରେ ଯେଉଁ ଦ୍ୱନ୍ଦ୍ୱ ରହିଥିଲା ତାହା ଏବେ ସହଜରେ ଦୂର ହେବ। କୋଭିଡ ମୁକାବିଲା ପାଇଁ ସ୍କୁଲରେ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି । ତେଣୁ କୋଭିଡ ପାଇଁ ସେତିକି ଭୟ ରହୁନାହିଁ ।

ଆକାଶ ସେଠ, ଛାତ୍ର, ଶ୍ରୀଅରବିନ୍ଦ ସ୍କୁଲ, ସମ୍ବଲପୁର

### ଅନ୍‌ଲାଇନ୍ ପାଠପଢ଼ା ସରିଥିବାରୁ ଖୁସି



ଦୀର୍ଘଦିନ ପରେ ନିଜ ବିଦ୍ୟାଳୟକୁ ଫେରି ସାଙ୍ଗସାଥୀଙ୍କୁ ଭେଟିଲି। ଅନ୍‌ଲାଇନ୍‌ରୁ ପ୍ରତ୍ୟକ୍ଷ ବିଦ୍ୟାଦାନର ସୁଯୋଗ ପାଇଲି । ମାସ୍କ ଓ ସାନିଟାଇଜର ଧରି ସ୍କୁଲକୁ ଯାଇଥିଲି । ସ୍କୁଲ ଯିବା ପାଇଁ ବାପା, ମାଁଙ୍କ ଠାରୁ ଅନୁମତି ପତ୍ର ଧରିକରି ଯିବା ଏକ ଭିନ୍ନ ଅନୁଭୂତି ଥିଲା ।

**ସ୍ପନ୍ଦନ ମିଶ୍ର, ଛାତ୍ର, ଓଡିଶା ଆଦର୍ଶ ବିଦ୍ୟାଳୟ, ବଲାଙ୍ଗୀର**

### ବହୁତ ଭଲ ଲାଗିଲା



ଦୀର୍ଘ ମାସର ପ୍ରତୀକ୍ଷା ପରେ ସ୍କୁଲ ଖୋଲିଛି, ବହୁତ ଭଲ ଲାଗିଲା। ମାଟ୍ରିକ୍ ପରୀକ୍ଷା ପ୍ରସ୍ତୁତିରେ ଏହା ସହାୟକ ହେବ। ବିଦ୍ୟାଳୟରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରକ୍ଷା କରିବାର ବ୍ୟବସ୍ଥା ହୋଇଥିଲା। କମ୍ ସମୟ ମଧ୍ୟରେ ଆମକୁ ପାଠ୍ୟକ୍ରମ ସାରି ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ପଡିବ ।

**ଗାୟତ୍ରୀ ନାୟକ, ଛାତ୍ରୀ, ସୋନପୁର**

କରୋନା ସଂକ୍ରମଣ ଯୋଗୁ ଗତମାର୍ଚ୍ଚରୁ ସ୍କୁଲ, କଲେଜ ବନ୍ଦ ରହିଥିଲା। ଶୁକ୍ରବାର ହାଇସ୍କୁଲଗୁଡ଼ିକ ଖୋଲିଛି। ଦୀର୍ଘ ୯ମାସ ବ୍ୟବଧାନ ପରେ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଦ ପଡ଼ିଛି। କେବଳ ଦଶମ ଶ୍ରେଣୀ ପାଠପଢ଼ା ଆରମ୍ଭ ହୋଇଥିବାବେଳେ ନିଜ ସହପାଠୀ, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଛାତ୍ରୀଛାତ୍ର ଭେଟିଛନ୍ତି। ସ୍କୁଲ ଖୋଲିବା ପରେ ସେମାନେ ପ୍ରଥମ ଦିବସର ଅନୁଭୂତି ବଖାଣିଛନ୍ତି। ଶ୍ରେଣୀଗୃହ ପାଠପଢ଼ାକୁ ନେଇ ଖୁସି ଥିବା କହିଛନ୍ତି। ହେଲେ କରୋନା ସଂକ୍ରମଣ ଭୟ ଏବେ ମଧ୍ୟ ମନରେ ରହିଥିବା ସେମାନେ କହିଛନ୍ତି। ଅନଲାଇନ କ୍ଲାସ ଯୋଗୁ ପିଲାମାନେ ସମ୍ପର୍କରେ ଥିଲେ। ହେଲେ ଏତେଦିନ ପରେ ଶ୍ରେଣୀଗୃହରେ ପିଲାଙ୍କୁ ଶିକ୍ଷାଦାନ କରିବାର ଖୁସି ଅବର୍ଣ୍ଣନୀୟ। କରୋନା ମହାମାରୀ ମଧ୍ୟରେ ପିଲା ସ୍କୁଲ ଯାଇଛନ୍ତି। ପରିସ୍ଥିତିକୁ ସାମ୍ନା କରିବାକୁ ଏହା ସେମାନଙ୍କୁ ବାଟ ଦେଖାଇବ। ସ୍କୁଲ କର୍ତ୍ତୃପକ୍ଷ ବି କରୋନା ସତର୍କତା ବଜାୟ ରଖିଲେ କୌଣସି ସମସ୍ୟା ରହିବ ନାହିଁ। ଏହି କ୍ରମରେ ପଶ୍ଚିମ ଓଡିଶାର ବିଭିନ୍ନ ଅଞ୍ଚଳରୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କ ମତକୁ ନେଇ ଏକ ଉପସ୍ଥାପନା ।

■ ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ବୀରେନ୍ଦ୍ର ଝାଙ୍କର, ଜୟନାରାୟଣ ମେଣ୍ଢୁଲି, ବି.ଶଙ୍କର, ଶୁଭାଶିଷ୍ ପାଢ଼ୀ, ମୃତ୍ୟୁଞ୍ଜୟ ଶତପଥୀ, ଅଜିତ୍ ବାରିକ



ବରଗଡ଼ ରାଣାପ୍ରତାପ ହାଇସ୍କୁଲ ଫାଟକ ଆଗରେ ଛାତ୍ରୀଛତ୍ରଙ୍କ ହାତ ସାନିଟାଇଜିଂ କରାଯାଉଛି ।

## ଅଭିଭାବକ ଯାହା କହନ୍ତି...

### ଅନ୍‌ଲାଇନ ପଢାରେ ସୁଫଳ ମିଳୁ ନ ଥିଲା



ଅନ୍‌ଲାଇନରେ ପାଠ ପଢାରେ ସେଭଳି ସୁଫଳ ମିଳୁ ନ ଥିଲା। ଏବେ ପରୀକ୍ଷା ପାଇଁ କମ୍ ଦିନ ଥିଲେ ମଧ ପିଲାମାନେ କ୍ଲାସ କରିବାର ଲାଭ ପାଇବେ। ଦଶମ ଶ୍ରେଣୀ ପରୀକ୍ଷା କ୍ୟାରିୟର ପାଇଁ ବହୁତ ମୂଲ୍ୟବାନ। ସ୍କୁଲକୁ ଯିବା ଲାଗି ଆମେ ସ୍ୱୀକୃତି ପ୍ରଦାନ କରିଛୁ। ପିଲାମାନେ ସ୍କୁଲରେ କୋଭିଡ କଟକଣା ପାଳନ କରୁଛନ୍ତି ।

**ନୀଲିମା ନାଏକ, ଅଭିଭାବକ, ଧନକଉଡା**

### ସ୍କୁଲ ଖୋଲିବା ସ୍ୱାଗତଯୋଗ୍ୟ



ରାଜ୍ୟ ସରକାରଙ୍କ ସ୍କୁଲ ଖୋଲିବା ନିଷ୍ପତ୍ତି ପରେ ପ୍ରଧାନଶିକ୍ଷକ ପ୍ରସ୍ତୁତି ବୈଠକ ଡାକିଥିଲେ। ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ସୁବନ୍ଦୋବସ୍ତ କରିଥିବା ଉଲ୍ଲେଖ କରିବା ସହିତ ଆମଠାରୁ ସହମତିପତ୍ର ଗ୍ରହଣ କରିଥିଲେ। ବର୍ତ୍ତମାନ ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସ୍କୁଲ ଖୋଲିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ।

**ପ୍ରାଣବନ୍ଧୁ ଦୀପ, ଅଭିଭାବକ, ବରଗଡ**

### ପ୍ରଥମ ଦିନ ସ୍ମରଣୀୟ ଥିଲା



ମେ ୩ରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ। ତେଣୁ ବିଦ୍ୟାଳୟ ଖୋଲିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ଭବିଷ୍ୟତକୁ ଦୃଷ୍ଟିରେ ରଖି ସରକାର ସଠିକ୍ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ଦିନ ଆମ ପାଇଁ ସ୍ମରଣୀୟ ଥିଲା । କଠିନ ପରିଶ୍ରମ ସହ ପରୀକ୍ଷା ପାଇଁ ଆମକୁ ପ୍ରସ୍ତୁତ ହେବାକୁ ପଡିବ।

**ସ୍ୱସ୍ତିକ ମେହେର, ୧୦ମ ଶ୍ରେଣୀ ଛାତ୍ର, ସୋନପୁର**

### ପାଠପଢ଼ାର ଜିଜ୍ଞାସା ଦୂର କରିବୁ



ସ୍କୁଲ ଖୋଲିବା ପରେ ବହୁତ ଭଲ ଲାଗୁଛି। ଘରେ ଅନ୍‌ଲାଇନ୍ ମାଧ୍ୟମରେ ପାଠପଢୁଥିବା ବେଳେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିପାରୁ ନ ଥିଲୁ। ତେଣୁ ପାଠ ବୁଝିବାରେ ସାମାନ୍ୟ ଅସୁବିଧା ଅନୁଭବ କରୁଥିଲୁ। ମାତ୍ର ଏବେ ସ୍କୁଲ ଖୋଲିବା ପରେ ଶ୍ରେଣୀଗୃହରେ ଶିକ୍ଷୟିତ୍ରୀଙ୍କୁ ସମ୍ମୁଖରେ ପାଇ ପାଠପଢ଼ାର ସମସ୍ତ ଜିଜ୍ଞାସା ଦୂର କରିପାରିବୁ ବୋଲି ଆଶା ରଖିଛୁ।

**ଶ୍ରଦ୍ଧାଞ୍ଜଳି ରାଉତ, ୧୦ମ ଶ୍ରେଣୀ ଛାତ୍ରୀ, ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟ, ସୁନ୍ଦରଗଡ଼**

### ଅନ୍‌ଲାଇନ୍ ପାଠପଢ଼ାରେ ନେଟୱର୍କ ସମସ୍ୟା ଥିଲା



ଘରେ ଅନ୍‌ଲାଇନ୍ ମାଧ୍ୟମରେ ପାଠପଢିଲାବେଳେ ନେଟୱର୍କ ସମସ୍ୟା ଯୋଗୁ ପାଠପଢାରେ ବ୍ୟାଘାତ ସୃଷ୍ଟି ହେବା ସହ ବୁଝିବା କଷ୍ଟକର ହେଉଥିଲା। ଆଜି ସାମାଜିକ ଦୂରତ୍ୱ ରକ୍ଷାକରି ମାସ୍କ ପିନ୍ଧି ଶ୍ରେଣୀଗୃହରେ ବସି ପାଠପଢୁଛୁ । ପ୍ରଥମ ଦିନରେ ସ୍କୁଲକୁ ଆସି ଖୁସି ଲାଗୁଛି। କ୍ଲାସରେ ବୀଜଗଣିତର ସରଳସମୀକରଣ ଆଲୋଚନା, ଜୀବବିଜ୍ଞାନ, ଇତିହାସ, ସାହିତ୍ୟ ଆଦି ବିଷୟ ପଢାଯାଇଛି। ସ୍କୁଲ ଖୋଲିବା ପରେ ନିଜକୁ ଭଲଭାବରେ ପରୀକ୍ଷା ପାଇଁ ପ୍ରସ୍ତୁତ କରିପାରିବୁ ବୋଲି ଆଶା ରଖିଛୁ।

**ସଞ୍ଜୁ କିଷାନ, ମ୍ୟୁନିସିପାଲ ହାଇସ୍କୁଲ, ସୁନ୍ଦରଗଡ**

## ଶିକ୍ଷକ ଯାହା କହନ୍ତି...

### ଛାତ୍ରୀଛାତ୍ରଙ୍କୁ ଦେଖି ଖୁସି ଲାଗିଲା



କୋଭିଡ୍ ଯୋଗୁ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ସାମାଜିକ ଦୂରତା ରକ୍ଷା କରିବାକୁ ପରାମର୍ଶ ଦିଆଯାଇଛି। ଦୀର୍ଘ ୯ମାସ ପରେ ବର୍ତ୍ତମାନ ଶ୍ରେଣୀଗୃହ ପାଠ୍ୟଦାନ ଆରମ୍ଭ ହୋଇଛି। ବହୁଦିନ ବ୍ୟବଧାନରେ ଛାତ୍ରୀଛାତ୍ରଙ୍କୁ ଶ୍ରେଣୀଗୃହରେ ଦେଖି ଖୁସି ଲାଗିଲା ।

**ଜଳନ୍ଧର ପ୍ରଧାନ, ଶିକ୍ଷକ, ପୁରୁଷୋତ୍ତମ ସରକାରୀ ହାଇସ୍କୁଲ ରୁଚିଦା, ଅମ୍ବାଭୋନା**

### ପାଠପଢା ପ୍ରତି ସ୍ୱତନ୍ତ୍ର ପଦକ୍ଷେପ ନେବୁ



କରୋନା ଯୋଗୁ ବିଦ୍ୟାଳୟ ୯ ମାସ ଧରି ବନ୍ଦ ଥିଲା। ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ଶୁକ୍ରବାର କୋଭିଡ ନିୟମ ଅନୁଯାୟୀ ଖୋଲାଯାଇଛି । ଦଶମ ଶ୍ରେଣୀ ପିଲାଙ୍କ ବୋର୍ଡ ପରୀକ୍ଷା ଥିବାରୁ ଛାତ୍ରୀଛାତ୍ରମାନଙ୍କ ପାଇଁ ବହୁ ଅସୁବିଧା ଦେଖାଦେଇଛି। ପିଲାଙ୍କ ପାଠପଢା କିପରି ହେବ ସେ ନେଇ ଆମକୁ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନେବାକୁ ପଡିବ।

**ଗୁଣନିଧି ସାହୁ, ପ୍ରଧାନଶିକ୍ଷକ, ଚାରିଛକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ବୌଦ୍ଧ**

### କୋଭିଡ କଟକଣା ଅନୁସାରେ ବ୍ୟବସ୍ଥା ହୋଇଛି



କୋଭିଡ କଟକଣା ଅନୁସାରେ ପୁରା ବ୍ୟବସ୍ଥା କରାଯାଇଛି। ଅଭିଭାବକମାନେ ସ୍ୱୀକୃତି ପ୍ରଦାନ କରିଛନ୍ତି । ଆମ ପାଖରେ ମାତ୍ର ୧୦୦ ଦିନ ରହିଛି । ତେଣୁ ପ୍ରତ୍ୟେକ ଦିନ ୭ଟି କ୍ଲାସ କରାଯିବ। ପ୍ରତ୍ୟେକ ଦିନ ସମସ୍ତ ଛାତ୍ରୀଛାତ୍ରଙ୍କୁ ସ୍କୁଲ ଆସିବାକୁ କୁହାଯାଇଛି। କମ ଦିନରେ ଛାତ୍ରୀଛାତ୍ର କିଭଳି ପରୀକ୍ଷାରେ ଭଲ ନମ୍ବର ରଖି ପାସ କରିବେ ସେନେଇ ଚେଷ୍ଟା କରାଯାଉଛି ।

**-ଯଶୋବନ୍ତ ସାହୁ, ପ୍ରଧାନଶିକ୍ଷକ ବୁଢାରଜା ହାଇସ୍କୁଲ, ସମ୍ବଲପୁର**

### ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଓ ପାଠପଢ଼ା ଉପରେ ଗୁରୁତ୍ୱ



ସ୍କୁଲରେ କୋଭିଡ ଗାଇଡଲାଇନ୍ ପାଳନ କରାଯାଉଛି । ଆଗକୁ ବୋର୍ଡ ପରୀକ୍ଷା ଥିବାରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାମାନେ ବେଶ୍ ଉପକୃତ ହେବେ । ଶିକ୍ଷକ ଭାବେ ଆମକୁ ମଧ ସେଭଳି ପ୍ରସ୍ତୁତି କରିବାକୁ ପଡୁଛି । ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସହ ଶିକ୍ଷା ଉପରେ ଜୋର ଦେବାକୁ ପଡୁଛି । ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଉଭୟ ମାଧମରେ ଏବେ ପାଠପଢ଼ା ଜାରି ରହିବ ।

**ରଞ୍ଜିତ ମିଶ୍ର, ସହକାରୀ ଶିକ୍ଷକ, ଜବାହାରଲାଲ ହାଇସ୍କୁଲ, ବିଲେଇସର୍ଡା, ବଲାଙ୍ଗୀର**

### ସାମାଜିକ ଦୂରତା ରଖି ଶିକ୍ଷାଦାନ ଚାଲିଛି



ଆମେ ଅଗ୍ନିଶମ ବିଭାଗ ଦ୍ୱାରା ଆମ ସ୍କୁଲର ପ୍ରତ୍ୟେକ ଶ୍ରେଣୀ କୋଠରୀକୁ ସାନିଟାଇଜର ମାଧ୍ୟମରେ ବିଶୋଧିତ କରିଛୁ। ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ପ୍ରବେଶ ପୂର୍ବରୁ ମୁଖ୍ୟ ଫାଟକରେ ହାତଧୁଆ ଓ ସାମାଜିକ ଦୂରତାରେ ଧାଡି ବାନ୍ଧି ଶ୍ରେଣୀ କୋଠରୀରେ ପ୍ରବେଶ କରିଥିଲେ। ପ୍ରତ୍ୟେକ ଶ୍ରେଣୀରେ ସାମାଜିକ ଦୂରତା ରକ୍ଷାକରି ୨୦ ରୁ ୨୫ଜଣ ଲେଖାଏଁ ଛାତ୍ରୀଛାତ୍ରଙ୍କୁ ବସାଇ ଶିକ୍ଷାଦାନ ଆରମ୍ଭ ହୋଇଛି। ଛାତ୍ରୀଛାତ୍ର ୯ ମାସ ପରେ ସ୍କୁଲ ଆସିଥିବାରୁ ଖୁସି ଲାଗୁଛି । ବିଦ୍ୟାଳୟରେ ୧୦୩ ଛାତ୍ରୀଙ୍କ ମଧ୍ୟରୁ ୫୯ ଓ ୮୩ ଛାତ୍ରଙ୍କ ମଧ୍ୟରୁ ୩୯ଜଣ ସ୍କୁଲକୁ ଆସିଛନ୍ତି।

**ଶ୍ରୀବତ୍ସ କୁମାର ଚୌଧୁରୀ, ପ୍ରଧାନଶିକ୍ଷକ, ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟ, ସୁନ୍ଦରଗଡ଼**

# ଅନୁଧ୍ୟାନ କଲେ ଜିଲାପାଳ, ଏସ୍‌ପି

ଜୟପାଟଣା, ୮।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ମୁଖୀଗୁଡା ଇନ୍ଦ୍ରାବତୀ ମେଗାଲିଫ୍ଟ ଜଳସେଚନ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହାକୁ ଲୋକାର୍ପଣ କରାଯିବାକୁ ନେଇ ମଙ୍ଗଳପୁର ପମ୍ପ ହାଉସ ପରିସରରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ଶୁକ୍ରବାର ସକାଳ ୮ଟାରେ ଜିଲାପାଳ ଓ ଏସ୍‌ପି ପ୍ରକଳ୍ପସ୍ଥଳରେ ପହଞ୍ଚି ପ୍ରାକ୍ ପ୍ରସ୍ତୁତି ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା ଓ ଅଞ୍ଚଳରସ୍ଥିତି ଅନୁଧ୍ୟାନ କରିଛନ୍ତି। କିଭଳି ସୁରକ୍ଷିତ ଭାବେ କାର୍ଯ୍ୟକ୍ରମ ହେବ ସେ ଦିଗରେ ବିଶେଷ ଭାବେ ଅନୁଧ୍ୟାନ କରାଯାଇଛି। କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ, ଏସପି ଡା. ଶ୍ରବଣା ବିବେକ ଏମ ଲୋକାର୍ପଣକୁ ନେଇ ଅସ୍ଥାୟୀ ହେଲିପ୍ୟାଡ ପଡିଆ ଏବଂ ବ୍ୟବସ୍ଥା ସମ୍ପର୍କରେ ସର୍ବିଶେଷ ଅନୁଧ୍ୟାନ କରି ଫେରିଛନ୍ତି। ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ନିର୍ମାଣଯନ୍ତ୍ରୀ ପଦ୍ମନାଭ ପଣ୍ଡା, ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ତହସିଲଦାର ସୁଭଦ୍ରା ମୁଣ୍ଡିକା, ଥାନାଧିକାରୀ ରଶ୍ମିତା ପ୍ରଧାନ, ନିର୍ବାହୀଯନ୍ତ୍ରୀ ରାଜକୁମାର ବେହେରା, ଅଜିତ ପାତ୍ର, ପୂର୍ବ ବିଭାଗର ନିର୍ବାହୀ ଯନ୍ତ୍ରୀ ଅଜିତ ବାବୁଙ୍କ ସମେତ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ବିଭିନ୍ନ ମଣ୍ଡି ପରିଦର୍ଶନ କଲେ ଏମ୍‌ପି

ଖଡିଆଳ, ୮।୧ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବ୍ଲକରେ ଥିବା ବିଭିନ୍ନ ଧାନମଣ୍ଡିକୁ ଶୁକ୍ରବାର କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ପରିଦର୍ଶନ କରିଛନ୍ତି। ଖଡିଆଳ ବ୍ଲକ ଭୋଜପୁର, ଭୁଲିଆ ସିକୁଆଁ ଓ ଡୁକଲା ମଣ୍ଡି ପରିଦର୍ଶନ କରିଛନ୍ତି। ଏମ୍‌ପି ଧାନକ୍ରୟ ବୃଦ୍ଧି କରିବାକୁ ଯୋଗାଣ ସଚିବଙ୍କ ସହିତ ଆଲୋଚନା କରିଛନ୍ତି। ଚାଷୀଙ୍କ ୪ କେଜି ଧାନ କଟନୀ ଛଟନୀ ହୋଇଥିବା ଏମ୍‌ପି ଅଭିଯୋଗ କରିଛନ୍ତି। ଭୋଜପୁର ମଣ୍ଡିରେ ୩ଶହ ବସ୍ତା ଧାନ ଗତ ୧୧ ତାରିଖରୁ ପଡି ରହିଥିବା ବେଳେ ଭୁଲିଆସିକୁଆଁ ମଣ୍ଡିରେ ୮ଶହ ବସ୍ତା ଧାନ ପଡିରହିଛି। ଚାଷୀଙ୍କ ଧାନ ବସ୍ତା ଶୀଘ୍ର ଉଠାଣ ନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଏସ୍‌ଡିଓଙ୍କୁ ଦାବିପତ୍ର ଦେଲେ ଚାଷୀ

ଜୁନାଗଡ, ୮।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଉପର ଇନ୍ଦ୍ରାବତୀ ଦକ୍ଷିଣ କେନାଲ ଅଧୀନ ଜୁନାଗଡ ଡିଷ୍ଟ୍ରିବ୍ୟୁଟାରିର ଜୁନାଗଡ ସହର ୱାର୍ଡ ନମ୍ବର ୧, ୫, ୬ ଓ ୭ ବାସୀଙ୍କୁ ଚଳିତ ରବି ଚାଷ ପାଇଁ ଜଳ ଯୋଗାଇବା ପାଇଁ ଦାବି ହୋଇଛି। ଏ ନେଇ ଶୁକ୍ରବାର ସ୍ଥାନୀୟ ଚାଷୀ ବିଭାଗୀୟ ଏସଡିଓ ନେଲସନ୍ ତାଡିଙ୍ଗିଙ୍କୁ ଏକ ଲିଖିତ ଅଭିଯୋଗ କରି ଦାବିପତ୍ର ଦେଇଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଦୀର୍ଘ ୭ବର୍ଷ ହେବ ଉପରୋକ୍ତ ଚାଷୀମାନେ ରବି ଚାଷ ସମୟରେ କେନାଲ ପାଣି ପାଇପାରୁନାହାନ୍ତି। ଯଦ୍ୱାରା ରବି (ଡାଲୁଅ) ଚାଷ କେହି ଚାଷୀ କରିପାରୁନାହାନ୍ତି। ଏହା ପୂର୍ବରୁ ଏହି ରବି ଚାଷ ସମୟରେ ଜମିଗୁଡିକୁ କେନାଲ ପାଣି ଯୋଗାଣ କରାଯାଉଥିଲା। ଗତ ୨୦୧୯-୨୦ରବି ଚାଷ ସମୟରେ ସ୍ଥାନୀୟ ଚାଷୀ ବିଭାଗୀୟ ଏସିଡିଓ ଓ ଯନ୍ତ୍ରୀଙ୍କୁ କେନାଲରେ ପାଣି ଛାଡିବାକୁ ଲିଖିତ ଦାବି କରିଥିଲେ। ସେହି ସମୟରେ ଆସନ୍ତା ବର୍ଷ ରବି ଋତୁରେ ପାଣି ଯୋଗାଇ





ବିଭାଗୀୟ ଏସଡିଓଙ୍କୁ ଲିଖିତ ଅଭିଯୋଗ କରିବା ପାଇଁ ଚାଷୀ ଆସିଛନ୍ତି।

**ରବି ଚାଷ ପାଇଁ ଜଳ ଯୋଗାଇବା ଦାବି**

ଦିଆଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଚଳିତବର୍ଷ ମଧ କେନାଲରେ ପାଣି ଦିଆଯିବ ନାହିଁ ଓ ଏହି ପାଣିକୁ ଜାରିଙ୍ଗ ଆଡକୁ ଦିଆଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରୁଥିବା କହୁଛନ୍ତି। ଚଳିତ ରବି ଚାଷ ପାଇଁ ଜମିକୁ ପାଣି ଯୋଗାଇ ଦିଆଯାଉ ନ ଚେତ ବାଧ୍ୟ ହୋଇ ଆମେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବୁ ବୋଲି ସ୍ଥାନୀୟ ଚାଷୀ ଲିଖିତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ସେମାନେ ଏହାର ଏକ ନକଲ କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ଓ ରାଜ୍ୟ ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କୁ ପ୍ରେରଣ କରିଛନ୍ତି। ଚାଷୀ ରାମଲାଲ କୈବର୍ତ୍ତଙ୍କ ନେତୃତ୍ୱରେ ଏହି ସମୟରେ ଏମ୍‌ପି ପ୍ରତିନିଧି ମୁକେଶ ଅଗ୍ରୱାଲ,ସୁରେଶ ମେହେର, ପୂର୍ଣ୍ଣ ଚନ୍ଦ୍ର, ଲମ୍ବୋଦର ମେହେର, ରାଜେଶ ମେହେର, ଭବାନୀ ମେହେର ପ୍ରମୁଖ ସାମିଲ ଥିଲେ।

# ୨ ହାଇସ୍କୁଲରେ ଉପସ୍ଥାନ ଶୂନ

କୋକସରା, ୮।୧ (ଡି.ଏନ.ଏ.)

**କୋକସରା ବ୍ଲକରେ ଖୋଲିଲା ସ୍କୁଲ**

ଶୁକ୍ରବାର କଳାହାଣ୍ଡି ଜିଲା କୋକସରା ବ୍ଲକରେ ଥିବା ୨୫ଟି ହାଇସ୍କୁଲ ଖୋଲିଛି। ସେଥିମଧ୍ୟରୁ ୨୩ ହାଇସ୍କୁଲରେ ଉପସ୍ଥାନ କମ ବେଶି ରହିଥିବାବେଳେ ବ୍ଲକର ଫୁପଗାଁ ହାଇସ୍କୁଲ ଓ ଆମପଣି ଏସ୍‌ଏସଡି ହାଇସ୍କୁଲରେ ପିଲାଙ୍କ ଉପସ୍ଥାନ ଶୂନ ରହିଛି। ଦୀର୍ଘ ମାସ ପରେ ସ୍କୁଲ ଖୋଲିଥିବାରୁ ସ୍କୁଲ କର୍ତ୍ତୃପକ୍ଷ, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ବ୍ଲକର ୨ଟି ବିଦ୍ୟାଳୟ ଆମପାଣି ଓ ଫୁପଗାଁରେ ଶୂନ ଉପସ୍ଥାନକୁ ନେଇ ବିଭିନ୍ନ ଚର୍ଚ୍ଚା ହେଉଛି। ଏହି ୨ଟି ସ୍କୁଲରେ ଦଶମ ଶ୍ରେଣୀର କୌଣସି ଛାତ୍ରୀଛାତ୍ର ଆସି ନ ଥିବା କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ରିପୋର୍ଟରୁ ଜଣାପଡ଼ିଛି। ଏ ନେଇ ଫୁପଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ପଚାରିବାରୁ ସ୍କୁଲ ତ ଖୋଲା ଅଛି ତେବେ ପିଲା ନ ଆସିଲେ ନାହିଁ ବୋଲି କହିଛନ୍ତି। ଆମପାଣି ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ଷଡଙ୍ଗୀଙ୍କୁ ପଚାରିବାରୁ ଛାତ୍ରୀଛାତ୍ରଙ୍କୁ ଅବଗତ କାରଯାଇଥିଲା । ପ୍ରଥମ ଦିନ ହୋଇଥିବାରୁ କେହି ଆସିଲେ ନାହିଁ ବୋଲି କହିଛନ୍ତି। କୋକସରା ବିଆରସି ତୋଫାନ ମାଝିଙ୍କୁ ପଚାରିବାରୁ ୨ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ କାହିଁକି ଉପସ୍ଥାନ ଶୁନ ରହିଛି ସେ ନେଇ ତଦନ୍ତ କରାଯିବା ବୋଲି କହିଛନ୍ତି ।

# ବିଦ୍ୟୁତ୍ କର୍ମଚାରୀଙ୍କ ଧାରଣା

ତରବୋଡ, ୮।୧ (ଡି.ଏନ.ଏ.)

ରଜ୍ୟ ସରକାର ବିଜୁଳି ବିଭାଗ ତଥା ୱେସ୍କୋର ସମସ୍ତ କର୍ମଚାରୀମାନଙ୍କୁ ଟାଟା ପାୱାର ନାମକ ଘରୋଇ କମ୍ପାନୀକୁ ଟେକି ଦେଇଛନ୍ତି। ଏହାର ପ୍ରତିବାଦ କରି ଶୁକ୍ରବାର ନୂଆପଡା ଜିଲା ୱେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ ବିଜୁଳି ବିଭାଗ ଅଧିକାରୀ ଓ କର୍ମଚାରୀମାନେ କର୍ଯ୍ୟାଳୟ ବନ୍ଦ କରି ଧାରଣାରେ ବସିଛନ୍ତି । ଯେଉଁ ପର୍ଯ୍ୟନ୍ତ ଦାବି ପୂରଣ ନ ହେଇଛି ସେ ପର୍ଯ୍ୟନ୍ତ ଧାରଣାରେ ବସିବୁ ବୋଲି ଧାରଣାରତ କର୍ମଚାରୀମାନେ କହିଥିଲେ।

## ୬୬ ବର୍ଷ ପରେ ବଦଳିଲା ସ୍କୁଲ ନାଁ

ମନମୁଣ୍ଡା(ଡି.ଏନ.ଏ): ଦୀର୍ଘ ୬୬ ବର୍ଷ ପରେ ଏକ ବିଦ୍ୟାଳୟର ନାମ ପରିବର୍ତ୍ତନ ହୋଇ ତାର ପ୍ରକୃତ ପରିଚୟ ପାଇଛି। ଏପରି ହୋଇଛି ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ କୁଲୁଡାଯୋର ପଞ୍ଚାୟତ ବରପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ଷେତ୍ରରେ । ସୂଚନା ଅନୁସାରେ, ୧୯୫୪ରେ ଜାନୁୟାରୀ ୧୫ରେ ବରପଦରଠାରେ ଉକ୍ତ ସ୍କୁଲ ସ୍ଥାପିତ ହୋଇଥିଲା। ତାହା ବରପଦର ସ୍ଥାନରେ ଭୁଲବଶତଃ ବନ୍ଧଗୋରା ପିୟୁପିଏସ୍ ବୋଲି ସରକାରୀ ରେକର୍ଡରେ ରହିଥିଲା। ପୂର୍ବରୁ ଏ ନେଇ ସ୍କୁଲ କମିଟି ଓ ଗ୍ରାମବାସୀ ନାମ ପରିବର୍ତ୍ତନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୬୬ ବର୍ଷ ପରେ ଏବେ ଉକ୍ତ ସ୍କୁଲର ନାମ ପରିବର୍ତ୍ତନ ହୋଇଛି। ସ୍କୁଲ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବଙ୍କ ପତ୍ରସଂଖ୍ୟା ୪୮୯/୭.୧.୨୧ ଅନୁସାରେ ବନ୍ଧଗୋରା ପିୟୁପିଏସ୍‌କୁ ବରପଦର ପିୟୁପିଏସ୍ ନାମରେ ନାମିତ ହୋଇଛି ।

## ସଂକ୍ଷେପରେ

### କଫ୍ ସିରପ୍ ଜବତ୍, ଜଣେ ଗିରଫ

ବରଗଡ଼ ଅଫିସ୍,୮।୧: ବରଗଡ଼ ଜିଲା ଅମ୍ବାଭୋନା ଥାନା ପୋଲିସ କଫ୍ ସିରପ କାରବାରରେ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଭୁକ୍ତ ପାତିକର ପଡ଼ାର ରଞ୍ଜିତ ପାତିକାର(୨୭)। ତାଙ୍କ ପାଖରୁ ୩୨୦ ବୋତଲ କଫ୍ ସିରପ୍ ଏବଂ ୨ଟି ମୋବାଇଲ ଜବତ ହୋଇଛି । ଏ ନେଇ ଏକ ମାମଲା (ନଂ୩/୨୧) ରୁଜୁ କରି ଶୁକ୍ରବାର ଅଭିଯୁକ୍ତଙ୍କୁ ବରଗଡ଼ କୋର୍ଟ ଚାଲାଣ କରାଯାଇଛି ।

### ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ

ଖପ୍ରାଖୋଲ, ୮।୧(ଡି.ଏନ.ଏ.): ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁ ପକ୍କା ଘର ଲେଖା ଯିବା ସହ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ପତ୍ର ଦେବା ଘଟଣାକୁ ବିରୋଧ କରି ଭାଜପା ତରଫରୁ ଖପ୍ରାଖୋଲ ବ୍ଲକ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏଥିରେ ଖପ୍ରାଖୋଲ ମଣ୍ଡଳ ସଭାପତି ଦେବକାନ୍ତ ପାଣିଗ୍ରାହୀ, ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ, କର୍ଣ୍ଣ ସିଂ ଠାକୁର, ଭରତ ସାହୁ, ରଘୁନାଥ ସିଂ ବରିହ ପ୍ରମୁଖ ଭାଜପା କର୍ମୀ ସାମିଲ ହୋଇଥିଲେ । ଏହି ଅବସରରେ ଖପ୍ରାଖୋଲ ଥାନାରେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଏକ ଏତଲା ଦିଆଯାଇଥିଲା।

### ବୌଦ୍ଧରେ ଖୋଲିଲା ୮୨ ହାଇସ୍କୁଲ

ବୌଦ୍ଧ,୮।୧(ସ୍ୱ.ପ୍ର): କରୋନା କଟକଣା ଯୋଗୁ ସମସ୍ତ ବିଦ୍ୟାଳୟ ଦୀର୍ଘ ୯ ମାସ ଧରି ବନ୍ଦ ରହିଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶମତେ ଶୁକ୍ରବାର ରାଜ୍ୟରେ ହାଇସ୍କୁଲ ଓ କଲେଜଗୁଡିକ ଖୋଲିଛି। ଏହି କ୍ରମରେ ବୌଦ୍ଧ ଜିଲାରେ ଥିବା ମୋଟ୍ ୮୨ଟି ସରକାରୀ ଓ ବେସରକାରୀ ହାଇସ୍କୁଲ ଖୋଲିଥିଲା। ଏହିସବୁ ସ୍କୁଲରେ ଚଳିତବର୍ଷ ମୋଟ ୭୮୨୩ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ଶିକ୍ଷା ବିଭାଗ ପକ୍ଷରୁ ଜଣାପଡିଛି । ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରୁଙ୍କ ପଚାରିବାରୁ ସରକାରଙ୍କ ନିର୍ଦ୍ଦେଶ ମତେ ଜିଲାର ସମସ୍ତ ଉଚ୍ଚ ବିଦ୍ୟାଳୟ ଶୁକ୍ରବାର ଖୋଲା ରହିଥିବା କହିଛନ୍ତି।

### ସିବିଆଇ ତଦନ୍ତ ଦାବିରେ ଭାଜପାର ବିକ୍ଷୋଭ

ସୋନପୁର,୮।୧(ନି.ପ୍ର.): କଟକ ଜିଲା ମାହାଙ୍ଗା ଡବଲ ମର୍ଡର ଘଟଣାର ସିବିଆଇ ତଦନ୍ତ, ମନ୍ତ୍ରୀମଣ୍ଡଳରୁ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ଇସ୍ତଫା ଓ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏସ୍‌ପିଙ୍କ ଅଫିସ ସମ୍ମୁଖରେ ସୁବର୍ଣ୍ଣପୁର ଜିଲା ଭାଜପା ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଏକ ସ୍ମାରକପତ୍ର ଏସ୍‌ପିଙ୍କ ଜରିଆରେ ରାଜ୍ୟପାଳ ପ୍ରଫେସର ଗଣେଷି ଲାଲଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ପାଣିଗ୍ରାହୀ ସ୍ମାରକପତ୍ର ଗ୍ରହଣ କରିଥିଲେ। ଭାଜପା ଜିଲା ସଭାପତି ତଥା ପ୍ରାକ୍ତନ ନଗରପାଳ ପ୍ରମୋଦ ମହାପାତ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଜିଲା ପରିଷଦ ସଭ୍ୟ ସୁଶାନ୍ତ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବିଶି, ସୌଦାମିନୀ ଜାଲ, ରୋହିଣୀ ଡାଙ୍ଗ, ଗଣେଶ ସାହୁ, ନିରଞ୍ଜନ ତ୍ରିପାଠୀ, ସରେଶ ଚନ୍ଦ୍ର ବିଶ୍ୱାଳ, ଜଗତଜ୍ୟୋତି ତ୍ରିପାଠୀ, ସତିନ କୁମାର ମିଶ୍ର, ପ୍ରଫୁଲ୍ଲ କୁମାର ସାହୁ, ସୁରୁବାବୁ ସାହୁ, ଗଙ୍ଗାଧର ତରିଆ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ ।

### ଫୁଟ୍‌ବଲ: ସେମିରେ ବାଦପାଲି

ବରଗଡ଼ ଅଫିସ୍,୮।୧: ବରଗଡ଼ ଖୁଣ୍ଟପାଲି ତୁରଙ୍ଗାଠାରେ ସ୍ଥାନୀୟ ନେହେରୁ କପ୍ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍ ଗୁଡ଼ିକରେ ବାଦପାଲି ପ୍ରତିପକ୍ଷ ଦଳଗୁଡ଼ିକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି । ରୁହୁଣିଆ ଓ ବାଦପାଲି ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା । ଏଥିରେ ବାଦପାଲି ବିଜୟୀ ହୋଇଥିଲା । ସେହିପରି ମାଲିପାଲି ଓ ଖୁଣ୍ଟପାଲି ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ମାଲିପାଲି ବିଜୟୀ ହୋଇଥିଲା। ତୃତୀୟ କ୍ୱାର୍ଟର ଫାଇନାଲରେ ବାଦପାଲି ପ୍ରତିପକ୍ଷ ମାଲିପାଲିକୁ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା । ବସନ୍ତ ଦାଶ ଅତିଥି ଭାବେ ଯୋଗଦେଇ ଥିବାବେଳେ ସଞ୍ଜୟ ଦାଶ, ଶ୍ୟାମପ୍ରସାଦ ବିଶି, ବିଶିକେଶନ ପ୍ରଧାନ, ଗୋବିନ୍ଦ ଭୁଏ ମ୍ୟାଚ ପରିଚାଳନା କରିଥିଲେ ।

# କାମ ଆରମ୍ଭ ପାଇଁ ପ୍ରକଳ୍ପ ପ୍ରଭାବିତଙ୍କୁ ବୁଝାଶୁଝା

ବଲାଙ୍ଗୀର ଅଫିସ, ୮।୧



ପରଧିଆପାଲି ଗାଁରେ ଲୋକଙ୍କ ସହ ଜିଲାପାଳ, ଏସପି ଓ ପ୍ରଶାସନିକ ଅଧିକାରୀ, ଯନ୍ତ୍ରୀ ଆଲୋଚନା କରୁଛନ୍ତି ।

**ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ**

- ୨୦୧୩ ଆକ୍ଟ ସମତୁଲ ଏକ୍ସଗ୍ରାସିଆ ସଂକ୍ରାନ୍ତରେ ଆଲୋଚନା
- ପରଧିଆପାଲି, କୋଇଣ୍ଡାପାଲି, ଖୁଣ୍ଟାପାଲିରେ ବୈଠକ
- ଡ୍ୟାମ ସାଇଟ୍‌କୁ ରାସ୍ତା ତିଆରି କରିବା ଉପରେ ଜୋର

ଦୀର୍ଘ ଅଢ଼େଇ ବର୍ଷ ହେଲା ବନ୍ଦ ପଡିଥିବା ବଲାଙ୍ଗୀର ଜିଲାର ବହୁପ୍ରତୀକ୍ଷିତ ଲୋୟର ସୁକ୍‌ତେଲ ବୃହତ୍ ଜଳସେଚନ ପ୍ରକଳ୍ପ କାମ ଆରମ୍ଭ କରିବାକୁ ଶୁକ୍ରବାର ପୁଣି ଥରେ ଉଦ୍ୟମ ହୋଇଛି। ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ନିତିନ କୁଶଲକର, ନବନିଯୁକ୍ତ ସୁକ୍‌ତେଲ ପ୍ରକଳ୍ପ ପିଡି ମହେନ୍ଦ୍ର ମହାପାତ୍ର, ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ନିରଞ୍ଜନ ରାଉତ୍ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଶୁକ୍ରବାର ପ୍ରକଳ୍ପ ପ୍ରଭାବିତ ପରଧିଆପାଲି, କୋଇଣ୍ଡାପାଲି ଏବଂ ଖୁଣ୍ଟାପାଲି ଗାଁରେ ବୈଠକ କରି ପ୍ରକଳ୍ପ ପ୍ରଭାବିତଙ୍କୁ ବୁଝାସୁଝା କରାଯାଇଛି। କିଭଳି ଭାବେ ପ୍ରକଳ୍ପ ପ୍ରଭାବିତଙ୍କ ସମସ୍ୟାର ସମାଧାନ ହେବ ଓ ବନ୍ଦ ପଡିଥିବା ଡ୍ୟାମ କାମ ଆରମ୍ଭ ହେବ ସେନେଇ ଆଲୋଚନା ହୋଇଥିଲା। ବୁଡିଅଞ୍ଚଳର ତିନିଖଣ୍ଡ ଗ୍ରାମବାସୀଙ୍କୁ ଜିଲାପାଳ ରାଣା ବୁଝାସୁଝା କରିଥିଲେ।

ପ୍ରଥମେ ପରଧିଆପାଲିଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ୨୦୧୩ ଭୂମି ଅଧିଗ୍ରହଣ ଆଇନ ସମତୁଲ ଏକ୍ସଗ୍ରାସିଆ ଯୋଗାଇ ଦେବାକୁ ଲୋକେ କହିଥିଲେ । ପ୍ରକୃତରେ ୨୦୧୩ ଭୂମି ଅଧିଗ୍ରହଣ ଆଇନ ଏବଂ ସରକାରଙ୍କ ଘୋଷିତ ଏକ୍ସଗ୍ରାସିଆରେ ଲୋକେ କେତେ ଟଙ୍କା ପାଇବେ ସେନେଇ ଜଣାଇବାକୁ ଲୋକେ ଦାବି କରିଥିଲେ। ଚନ୍ଦନଭାଟି ଓ ବିଜାପାଟି ମୌଜା ବେଞ୍ଚମାର୍କ ମୂଲ୍ୟାଙ୍କନ ଆଧାରରେ ବୁଡି ଅଞ୍ଚଳବାସୀଙ୍କ କ୍ଷତିପୂରଣ ହିସାବ କରିବାକୁ ଲୋକେ କହିଥିଲେ। ୨୦୨୦ ମସିହାକୁ କଟ୍‌ଅଫ୍ ଡେଟ୍ କରିବାକୁ ଲୋକେ ଦାବି କରିଥିଲେ। ଜିଲାପାଳ ରାଣା କହିଥିଲେ ଯେ, ଏବେ ୨୦୧୭ କଟ୍‌ଅଫ୍ ଡେଟ୍ ରହିଛି ଏହାକୁ ୨୦୧୮-୧୯ କଟ୍‌ଅଫ୍ ଡେଟ୍ କିପରି କରାଯାଇପାରିବ ତାହା ସେ ଦେଖିବେ । ୨୦୨୦ କଟ୍‌ଅଫ୍ ଡେଟ୍ କଦାପି ହୋଇପାରିବନାହିଁ ବୋଲି ସେ ଜଣାଇଥିଲେ । ବିସ୍ଥାପିତ ହେବାକୁ ଥିବା ଲୋକେ କିଭଳି ଘରଡିହ ପାଇବେ ସେନେଇ ମଧ ଅନୁଧ୍ୟାନ କରାଯିବ। ଏକ୍ସଗ୍ରାସିଆ ବିଷୟରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବା ପରେ ଏନେଇ ସେ ଜଣାଇବେ ବୋଲି କହିଥିଲେ । ଲୋକଙ୍କ ସମସ୍ୟା, କ୍ଷତିପୂରଣ ଓ ଥଇଥାନ ହେଲା ପରେ ଯାଇ ଡ୍ୟାମ କାମ ଆରମ୍ଭ କରାଯାଉ ବୋଲି ଲୋକେ ଦାବି କରିଆସୁଛନ୍ତି । ଏଭଳି ସମୟରେ ପ୍ରଥମେ ଡ୍ୟାମ ସାଇଟ୍‌କୁ ଯାଇଥିବା ରାସ୍ତା ତିଆରି କରାଯିବ ବୋଲି ଜିଲାପାଳ ରାଣା କହିଥିଲେ । ଲୋକଙ୍କ ସମସ୍ୟା ସମାଧାନ ନହେବା ପର୍ଯ୍ୟନ୍ତ ଡ୍ୟାମ କାମ ଆରମ୍ଭ ହେବନାହିଁ ବୋଲି ପ୍ରତିଶ୍ରୁତି ଦେବା ପରେ ଡ୍ୟାମ ସାଇଟ୍ ରାସ୍ତା କାମ କରାଯିବା ଉପରେ ଲୋକେ ରାଜି ହୋଇଥିଲେ। ଏହାପରେ କୋଇଣ୍ଡାପାଲି ଏବଂ ଖୁଣ୍ଟାପାଲି ଗ୍ରାମରେ ଆଲୋଚନା ହୋଇଥିଲା । ଲୋକେ ୨୦୧୩ ଆକ୍ଟ ସମତୁଲ ଏକ୍ସଗ୍ରାସିଆ, ଥଇଥାନ ସମ୍ପର୍କରେ ଜିଲାପାଳଙ୍କୁ ଜଣାଇଥିଲେ । ପକୁଣ୍ଟପାଲି ଗାଁରେ ଡ୍ୟାମ ସାଇଟ୍ ରାସ୍ତା କାମ ନ କରିବାକୁ କେତେକ କହିଥିଲେ । ଲୋକଙ୍କ ସମସ୍ୟାର ସମାଧାନ ହେଲାପରେ ଯାଇ ଡ୍ୟାମ କାମ, ଏଭଳିକି ରାସ୍ତା କାମ କରିବାକୁ କହିଥିବା ଜଣାପଡିଛି । ୨୯ଟି ଗାଁରୁ ୧୩ଟି ଗାଁକୁ ନିଜେ ପରିଦର୍ଶନରେ ଯାଇ ଲୋକଙ୍କ ସହ ଆଲୋଚନା କରିବେ ଓ ଅନ୍ୟ ଗାଁ ଲୋକଙ୍କୁ ଅଫିସ ଡକାଇ ଆଲୋଚନା କରିବେ ବୋଲି ଜିଲାପାଳ ରାଣା କହିଥିଲେ।

## ଉପଖଣ୍ଡ ଚିକିତ୍ସାଳୟରେ ଡ୍ରାଏ ରନ୍

ପଦ୍ମପୁର, ୮।୧ (ଡି.ଏନ.ଏ)

ବରଗଡ଼ ଜିଲା ଉପଖଣ୍ଡ ଡାକ୍ତରଖାନାର ଏମ୍‌ସିଏଚ୍ ବିଲ୍ଡିଂ ପରିସରରେ କୋଭିଡ ଟିକାକରଣ ପାଇଁ ଡ୍ରାଏ ରନ୍ କାର୍ଯ୍ୟକ୍ରମ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଆରମ୍ଭ ହୋଇଛି। ଏହି ଡ୍ରାଏ ରନ୍‌ରେ ୧୫ ଜଣ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିୟମାବଳୀ ଅନୁଯାୟୀ ପ୍ରବେଶ ଦ୍ୱାରରେ ଥର୍ମାଲ ସ୍କାନିଂ, ହାତ ସାନିଟାଇଜ ସହିତ ପରିଚୟ ପତ୍ର ଯାଞ୍ଚ କରି ରେଜିଷ୍ଟ୍ରିଭୁକ୍ତ ମୋବାଇଲରେ ଡ୍ରାଏ ରନ୍ ସମ୍ବନ୍ଧୀୟ ବାର୍ତ୍ତାକୁ ନିରୀକ୍ଷଣ କରାଯାଇ ବିଶ୍ରାମ ଗୃହକୁ ପ୍ରବେଶ ପାଇଁ ଅନୁମତି ଦିଆଯାଇଥିଲା। ଏଥିପାଇଁ ବିଶ୍ରାମ ଗୃହ, ଟିକାକରଣ ଗୃହ, ନିରୀକ୍ଷଣ ଗୃହ ଆଦି ପୂର୍ବରୁ ପ୍ରସ୍ତୁତ କରାଯାଇ ଆବଶ୍ୟକୀୟ କର୍ମଚାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପ୍ରଥମେ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ତହସିଲ ସାହୁ ଡ୍ରାଏ ରନ୍ ଟିକାକରଣରେ ଭାଗ ନେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜମଲା ପିଏଚ୍‌ସିର ଡା. ତ୍ୟାଗରାଜ ସିଂଙ୍କ ସମେତ ଅନ୍ୟ ଚିକିତ୍ସାଧିକାରୀ ଏବଂ ଚିକିତ୍ସାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଶିଶୁପୁତ୍ରକୁ ମିଳିଲା ଚିକିତ୍ସା ସେବା



ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଶିଶୁପୁତ୍ରର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ବରଗଡ଼ ଅଫିସ, ୮।୧

**ଧରିତ୍ରୀ ପ୍ରଭାବ**

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧ ନିଗମାନନ୍ଦ ବିହାର ବାସିନ୍ଦା ପୂଜା ଓ କଲ୍ଲୁ ଯାଦବଙ୍କ ୧୪ମାସର ପୁଅ ସାଇଙ୍କୁ ଚିକିତ୍ସା ସେବା ମିଳିଛି। ସାଇ ସଳଖ ଭାବେ ମୁଣ୍ଡ ରଖିପାରୁ ନ ଥିବାବେଳେ ଚଲାବୁଲା କିମ୍ବା ଉଠାବସା କରି ପାରୁ ନାହାନ୍ତି। ଏ ନେଇ ଗୁରୁବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ତାଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ), ବରଗଡ଼ ଆଗେଇ ଆସିଛି। ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଆର୍‌ବିଏସ୍‌କେର ମୋବାଇଲ ହେଲ୍‌ଥ ଟିମ୍‌ର ଡା. ସୁବ୍ରତ ମହାପାତ୍ର, ଫାର୍ମାସିଷ୍ଟ ଚୂଡ଼ାମଣି ଦେବତା (ଏମ୍‌ଏଚ୍‌ଟି) ସାଇଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସାଇଙ୍କ ବିକାଶର ଅଭିବୃଦ୍ଧି ଠିକ୍ ଭାବେ ହୋଇ ପାରୁ ନ ଥିବା ସେମାନେ ଜାଣିବାକୁ ପାଇଥିଲେ। ଏହି ଟିମ୍ ଶିଶୁପୁତ୍ରକୁ ତାଙ୍କ ମା'ଙ୍କ ସହିତ ନେଇ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଥିବା ଜିଲା ସହଳ ସାଧନା କେନ୍ଦ୍ର(ଡିଇଆଇସି)କୁ ନେଇଥିଲେ। ସେଠାର ଫିଜିଓଥେରାପିଷ୍ଟଙ୍କ ଦ୍ୱାରା ଶିଶୁକୁ ଥେରାପି ପ୍ରଦାନ କରାଯାଇଥିଲା। ସାଇକୁ ଡିଇଆଇସି ସାମ୍ନାରେ ରହିଥିବା ପୁଷ୍ଟି ସାଧନା କେନ୍ଦ୍ର(ଏନଆରସି)ରେ ଭର୍ତ୍ତି କରାଯିବ ବୋଲି ଆର୍‌ବିଏସ୍‌କେ ମ୍ୟାନେଜର ରାକେଶ ମହାପାତ୍ର ସୂଚନା ଦେଇଛନ୍ତି। ଆସନ୍ତା ୫ରୁ ୬ମାସ ମଧ୍ୟରେ ଶିଶୁର ମୋଲିଡିଲେର ଉନ୍ନତି ନିଶ୍ଚୟ ଜଣାପଡ଼ିବ ଏବଂ ଶିଶୁପୁତ୍ର ଠିକ୍ ଭାବେ ଚଲାବୁଲା କରିପାରିବ ବୋଲି ଫିଜିଓଥେରାପିଷ୍ଟ ଆଦିତ୍ୟ ଭୋଇ ପ୍ରକାଶ କରିଛନ୍ତି ।

## ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ସିଂଘିଯୁବା ଭାଗଚାଷୀ

ବିନ୍ନିକା,୮।୧(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନ୍ନିକା ବ୍ଲକ୍ ସିଂଘିଯୁବା ପ୍ୟାକ୍ସରେ ୨୦୨୦ ଖରିଫ ଧାନ ଚାଷରେ ସିଂଘିଯୁବା ପ୍ୟାକ୍ସରେ ଧାନବିକ୍ରି କରିଥିଲେ ସିଂଘିଯୁବା ଗାଁର ଭାଗଚାଷୀ ବିପ୍ଳବ ରଞ୍ଜନ ଦାଶ ଓ ଆଦିବାସୀ ବର୍ଗ କିଶୋର ଛତ୍ରିଆ। ଗତ ରବିଧାନ ଚାଷରେ ସିଂଘିଯୁବା ପ୍ୟାକ୍ସ କିଛି ଚାଷୀଙ୍କର ବ୍ୟାଙ୍କର ଖାତାରେ ଡବଲ ପ୍ୟାମେଣ୍ଟ ହୋଇଥିଲା । ଯେଉଁ ଭାଗଚାଷୀ ସରକାରଙ୍କ ସିଭିଲ୍ ସପ୍ଲାଏ ବିଭାଗ ପକ୍ଷରୁ ଭୁଲ୍‌ବଶତଃ ପ୍ରେରିତ ହୋଇଥିବା ଧାନବିକ୍ରି ଅର୍ଥରାଶି ଉଠାଇ ନେଲେ, ମାତ୍ର ଡବଲ ପ୍ୟାମେଣ୍ଟର ଅର୍ଥରାଶି ଉଠାଇଥିବା ଅର୍ଥକୁ ଫେରାଇଲେ ନାହିଁ । ଏହାକୁ କେନ୍ଦ୍ରକରି ଚଳିତ ଖରିଫ ଧାନ ଚାଷରେ ବିପ୍ଳବ ଏବଂ କିଶୋର ସିଂଘିଯୁବା ପ୍ୟାକ୍ସରେ ବିକ୍ରି କରିଥିବା ଧାନର ନିର୍ଦ୍ଧାରିତ ମୂଲ୍ୟରାଶି ଏଯାଏଁ ଜମା ହୋଇନାହିଁ । ଏନେଇ ସିଂଘିଯୁବା ଗାଁ ଭାଗଚାଷୀ ବିପ୍ଳବ ରଞ୍ଜନ ଦାଶ ଏବଂ କିଶୋର ଛତ୍ରିଆ ଅନେକ ଥର ଜିଲା ଯୋଗାଣ ବିଭାଗ ଅଧିକାରୀ ଓ ସିଂଘିଯୁବା ପ୍ୟାକ୍ସ ସମ୍ପାଦକଙ୍କୁ ଜଣାଇ ଜଣାଇ ନିରାଶ ହେଲେ। ଶେଷରେ ଭାଗଚାଷୀ ପ୍ରଧାନମନ୍ତ୍ରୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ମାନବାଧିକାର କମିଶନଙ୍କ ପାଖକୁ ନ୍ୟାୟ ପାଇବା ନେଇ ଚିଠି କରିଛନ୍ତି। ଏଥି ସହିତ ହାଇକୋର୍ଟଙ୍କ ଯଥାଶିଘ୍ର ଦ୍ୱାରସ୍ଥ ହେବୁ ବୋଲି ଚେତାବନୀ ଦେଇଛନ୍ତି।

# ସୁବର୍ଣ୍ଣପୁରରେ ଖୋଲିଲା ଧାର୍ମିକସ୍ଥଳ

ସୋନପୁର,୮।୧(ନି.ପ୍ର.)

**ଦେବାଦେବୀଙ୍କୁ ଦର୍ଶନ କଲେ ଭକ୍ତ**

ସାଢେ ୯ ମାସର ବ୍ୟବଧାନ ପରେ ସୁବର୍ଣ୍ଣପୁର ଜିଲାର ଧାର୍ମିକସ୍ଥଳଗୁଡିକ ଜନସାଧାରଣଙ୍କ ଦର୍ଶନ ଓ ଉପାସନା ପାଇଁ ଶୁକ୍ରବାର ଖୋଲିଛି। ଜିଲାର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସମେତ ଇଷ୍ଟ ଦେବତା ସୁବର୍ଣ୍ଣମେରୁ, ରାମେଶ୍ୱର, ଗୋକର୍ଣ୍ଣେଶ୍ୱର, ପଞ୍ଚରଥ, ପଶ୍ଚିମ ସୋମନାଥ, ବୈଦ୍ୟନାଥର କୋଶଳେଶ୍ୱର, ଚରଦା, ଗୋଧନେଶ୍ୱର, ଚମ୍ପେଶ୍ୱର ଶୈବ ପୀଠ ସମେତ, ସୋନପୁର, ବୀରମହାରାଜପୁର, ତରଭା, ବିନ୍ନିକା ଜଗନ୍ନାଥ ମନ୍ଦିର, ସୋନପୁର ଦୁର୍ଗା ମନ୍ଦିର, କୋଟସମଲାଇ ସ୍ଥିତ ପାତାଳି ଶ୍ରୀକ୍ଷେତ୍ର, ସମସ୍ତ ମନ୍ଦିର, ମସଜିଦ୍ ଓ ଗୀର୍ଜା ଶୁକ୍ରବାରଠାରୁ ଖୋଲିଛି। ନୀତିକାନ୍ତି ସମ୍ପନ୍ନ ପରେ ଶ୍ରଦ୍ଧାଳୁମାନେ ଭକ୍ତିର ସହ ପୂଜା, ଉପାସନା କରିଛନ୍ତି। ଦେବୋତ୍ତର ବିଭାଗ ପକ୍ଷରୁ ଗୁରୁବାର ଧାର୍ମିକସ୍ଥଳର ଟ୍ରଷ୍ଟି, କର୍ମକର୍ତ୍ତା, ପୂଜକ ଓ ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ କୋଭିଡ୍ ଗାଇଡଲାଇନ୍ ଅନୁସାରେ ପ୍ରସ୍ତୁତ ଏସ୍‌ଓପି(ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର) ପାଳନ କରି ଧାର୍ମିକସ୍ଥଳଗୁଡିକୁ ଖୋଲିବାକୁ ଅନୁମତି ଦିଆଯାଇଛି। ସପ୍ତାହର ଗୋଟିଏ ଦିନ ମନ୍ଦିର, ମସ୍‌ଜିଦ୍, ଗୁରୁଦ୍ୱାର ଓ ଚର୍ଚ୍ଚଆଦିକୁ ବନ୍ଦ କରି ପରିସରକୁ ସାନିଟାଇଜ୍ କରାଯିବ। ସେହିପରି ଧାର୍ମିକସ୍ଥଳୀମାନଙ୍କରେ ମୂର୍ତ୍ତିଙ୍କୁ ଛୁଇଁବା ଓ ପ୍ରସାଦ ସେବନକୁ ବାରଣ କରାଯାଇଛି। ମାସ୍କ ପରିଧାନ, ସାମାଜିକ ଦୂରତା ଓ ସାନିଟାଇଜ୍ ହେବା ବାଧ୍ୟତାମୂଳକ ରହିଛି। ଏଥିସହ ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ, ଅସୁସ୍ଥ, ଗର୍ଭବତୀ ମହିଳା ଓ ଛୋଟ ପିଲାଙ୍କୁ ଧାର୍ମିକସ୍ଥଳୀକୁ ଯିବାକୁ ମନା କରାଯାଇଛି। କୌଣସି ବ୍ୟକ୍ତି ନିର୍ଦ୍ଦେଶନାମା ଖିଲାପ କଲେ ତାଙ୍କ ବିରୋଧରେ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ରହିଛି ।

## ରୋଗୀଙ୍କ ସମ୍ପର୍କୀୟଙ୍କ ଉପରେ ପାଣି ପକାଇଲେ ଡାକ୍ତର

କେସିଙ୍ଗା, ୮।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡା. ଲଳିତ ଅଗ୍ରୱାଲ ଗତ ଗୁରୁବାର ରାତି ୧୦ଟାରେ ୱାର୍ଡ ପରିଦର୍ଶନ ବେଳେ ରୋଗୀଙ୍କ ସମ୍ପର୍କୀୟଙ୍କୁ ଗାଳିଗୁଲଜ କରିବା ସହ ସେମାନଙ୍କ ଉପରେ ପାଣି ସିଞ୍ଚନ କରିବା ଅଭିଯୋଗ ହୋଇଛି। ଡାକ୍ତର ଅଗ୍ରୱାଲ ଗୁରୁବାର ରାତି ୧୦ଟାରେ ଶିଶୁମାନଙ୍କୁ ଚିକିତ୍ସା ପାଇଁ ୱାର୍ଡ ପରିଦର୍ଶନ କରୁଥିଲେ। ପ୍ରସୂତୀ ଓ ଶିଶୁରୋଗ ହସ୍ପିଟାଲର ଦ୍ୱିତୀୟ କୋଠାର ଏକ ପ୍ରତୀକ୍ଷ୍ୟାଳୟ ପ୍ରାୟ ୩୦ ଜଣ ରୋଗୀଙ୍କ ସମ୍ପର୍କୀୟଙ୍କୁମାନେ ଶୋଇଥିଲେ। ବର୍ତ୍ତମାନ ଶୀତ ଋତୁରେ ବାହାରେ ରହିବା କଷ୍ଟକର ହେଉଛି। ଡାକ୍ତର ହଠାତ ଆସି ରୋଗୀଙ୍କ ସମ୍ପର୍କୀୟଙ୍କୁ ଏଠାରେ କାହିଁକି ଶୋଇଛ ବୋଲି ରାଗିଯାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସିକ୍ୟୁରିଟିଙ୍କୁ କହି ରୋଗୀଙ୍କ ସମ୍ପର୍କୀୟଙ୍କ ଉପରେ ପାଣି ପକାଇ ବାହାର କରିଦେଇଥିଲେ। ଏହାକୁ ରୋଗୀଙ୍କ ସମ୍ପର୍କୀୟମାନେ ଭିଡିଓ ଉତ୍ତୋଳନ କରି ହ୍ୱାଟ୍ସଆପ୍ ଓ ଫେସବୁକରେ ଛାଡ଼ିଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ ବିଧାୟକଙ୍କ ପ୍ରତିନିଧି ସରିତା ସିନ୍ଧୁର, କେସିଙ୍ଗା ବ୍ଲକ କଂଗ୍ରେସ ପୂର୍ବତନ ନାଗର ସଭାପତି ଏ. ସୁରେଶ ରାଓଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ଯାଇ ମେଡିକାଲ ଅଫିସର ଡା. ବେହେରାଙ୍କ ସହିତ ଆଲୋଚନା କରିଥିଲେ। ସେହି ସମୟରେ ଡକ୍ତାର ଅଗ୍ରୱାଲ ରାଓଙ୍କୁ ତୁମେ କିଏ ବୋଲି କହିବା ସହିତ ବିଧାୟକଙ୍କ ପ୍ରତିନିଧି ସିନ୍ଧୁରଙ୍କୁ ରାଗିଯାଇ କଟୁକଥା କହିଥିଲେ। ଉଭୟଙ୍କ ମଧ୍ୟରେ ବହୁତ ଯୁକ୍ତିତର୍କ ହୋଇଥିଲା। ଶେଷରେ ମେଡିକାଲ ଅଫିସର ଡା. ବେହେରା ଏ ହିସବୁ ସମସ୍ୟା ସମାଧାନ କରିଥିଲେ। ଏ ନେଇ ଡା. ଲଳିତ ଅଗ୍ରୱାଲଙ୍କୁ ପଚାରିବାରୁ ମୁଁ ରାଗରେ କହି ଦେଇଥିଲି। ସେଥିପାଇଁ ମୁଁ କ୍ଷମା ଚାହୁଁଛି ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ ।

## ଉଷାଦେବୀ ସ୍ମାରକୀ କ୍ରିକେଟ: ସେମିରେ ଏସ୍‌ଡିସିଏ ସୋନପୁର



ଉମାଶଙ୍କର ହୋତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

ଉଲୁଣ୍ଡା, ୮।୧ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୁକିଆ ରଘୁନାଥ ସ୍ପୋର୍ଟିଂ ତରଫରୁ ଅୟୋଜିତ ଚତୁର୍ଥ ଉଷାଦେବୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଖେଳରେ ଏସ୍‌ଡିସିଏ ସୋନପୁର ଦଳ ସିଣ୍ଢୋଳର ଗୁପ୍ତେଶ୍ୱର କ୍ଲବକୁ ୭ ଉଇକେଟରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ସିଣ୍ଢୋଳ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୮୨ରନ କରିଥିଲା। ଦଳ ପକ୍ଷରୁ ସ୍ୱରାଜ ନାଗ ସର୍ବାଧିକ ୬୨ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ସୋନପୁର ଦଳ ପୁରୁଷୋତ୍ତମ ପାତ୍ରଙ୍କ ୪୧ ଓ ଉମାଶଙ୍କର ହୋତାଙ୍କ ୫୨ରନ ବଳରେ ୩ ଉଇକେଟ ହରାଇ ୧୮୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଖେଳକୁ ସତ୍ୟନାରାୟଣ ପଧାନ ଓ ଶ୍ରୀବନ୍ତ ନାୟକ ପରିଚାଳନା କରିଥିବା ବେଳେ ସୁଜିତ ପଣ୍ଡା ସ୍କୋରିଂ କରିଥିଲେ। ଆଦିତ୍ୟ ପୁରୋହିତ ଓ ଆଦର୍ଶ ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବକୁ ଉଲୁଣ୍ଡା ବ୍ଲକ କୃଷକ ସଂଘ ସଭାପତି ନରେନ୍ଦ୍ର ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ଉମାଶଙ୍କର ହୋତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚର ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ଗୋଡଭଗା ଦଳ ଜଗନ୍ନାଥ କଲୋନୀ ସମ୍ବଲପୁର ସହିତ ଖେଳିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

# ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ କର

ବରଗଡ଼ ଅଫିସ, ୮।୧



ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକ ।

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ) ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାର ବିକାଶ ସଂଯୋଜନା ଏବଂ ସମୀକ୍ଷା ବୈଠକ (ଦିଶା) ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ଏମ୍‌ପି ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତଙ୍କ ସମେତ ପଦ୍ମପୁର ବିଧାୟକ ପ୍ରତିନିଧି ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସମସ୍ତ ବିଡିଓ ଏବଂ ବ୍ଲକ ଅଧ୍ୟକ୍ଷମାନେ ମଧ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକର ପ୍ରଥମ ପର୍ଯ୍ୟାୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉପରେ ଆଲୋଚନା ହୋଇଥିଲା। ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୬୫ଲକ୍ଷ ଶ୍ରମ ଦିବସ ସୃଷ୍ଟି କରିବାର ଲକ୍ଷ୍ୟ ଥିବାବେଳେ ଏପର୍ଯ୍ୟନ୍ତ ୪୨ଲକ୍ଷ ଶ୍ରମ ଦିବସ ସୃଷ୍ଟି ହୋଇଥିବା ସୂଚନା ଦିଆଯାଇଥିଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀମାନେ ଯେଭଳି ବାଦ୍ ନ ପଡ଼ନ୍ତି, ସେଥିପ୍ରତି ଦୃଷ୍ଟିଦେବାକୁ ଏମ୍‌ପି ପୂଜାରୀ ଅନୁରୋଧ କରିଥିଲେ। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ପ୍ରତ୍ୟେକ କାମର ତାଲିକା ଜନ ପ୍ରତିନିଧିମାନଙ୍କୁ ଦେବା ସହିତ ଗୁଣବତ୍ତା ବଜାୟ ରଖିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଯୋଜନା ଉପରେ ଆଲୋଚନାବେଳେ ୭୩ ବିଶେଷଜ୍ଞ, ୧୪ ଶିଶୁରୋଗ ବିଶେଷଜ୍ଞ ପଦବୀ ଖାଲିଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । କରୋନା ସମୟରେ ଯେଉଁ ସ୍ୱାସ୍ଥ୍ୟକର୍ମୀମାନେ କାର୍ଯ୍ୟ କରିଛନ୍ତି, ସେମାନଙ୍କ ନିଯୁକ୍ତି ନେଇ ପଦକ୍ଷେପ ନିଆଯିବ ବୋଲି ପୂଜାରୀ ପ୍ରତିଶ୍ରୁତି ଦେଇଥିଲେ। ପଦ୍ମପୁରରେ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ସେ ପ୍ରସ୍ତାବ ଦେଇଥିବାବେଳେ ଉପସ୍ଥାନ ହାର କମ୍ ଯୋଗୁ ଯେଉଁ ଅଞ୍ଚଳରେ ସ୍କୁଲଗୁଡ଼ିକ ବନ୍ଦ ହେଉଛି, ସେହି କ୍ଷେତ୍ରରେ ଉତ୍ତମ ଭିତ୍ତିଭୂମି ରହିଥିବା ସ୍କୁଲକୁ ପ୍ରାଧାନ୍ୟ ଦେବାକୁ ମତପ୍ରକାଶ ପାଇଥିଲା। ଯେଉଁ ସ୍କୁଲରେ ପିଲାମାନଙ୍କୁ ନଦୀ, ନାଳ ଏବଂ ଅନ୍ୟାନ୍ୟ ପ୍ରତିବନ୍ଧକ ଦେଇ ଅନ୍ୟ ଗ୍ରାମ ଯିବାକୁ ପଡ଼ିବ, ସେମାନଙ୍କ ପାଇଁ ପୁନର୍ବିଚାର କରିବାକୁ ଏମ୍‌ପି ପୂଜାରୀ ପରାମର୍ଶ ଦେଇଥିଲେ। ଏହାସହିତ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଦୀନ୍‌ଦୟାଲ ଉପାଧ୍ୟାୟ ଯୋଜନା, ପାନୀୟଜଳ, ସ୍ୱଚ୍ଛଭାରତ ଉପରେ ଆଲୋଚନା ହୋଇଥିଲା ଏବଂ ଜିଲାର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକାରୀମାନେ ନିଷ୍ଠାପର ଭାବେ କାମ କରିବାକୁ ପରାମର୍ଶ ଦିଆଯାଇଥିଲା।